● ଚତୁର୍ଥ ପର୍ଯ୍ୟାୟରେ ରୂପାନ୍ତରିତ ୧୦୫ ଉଚ୍ଚବିଦ୍ୟାଳୟ ଲୋକାର୍ପିତ

# ବାସ୍ତବରେ ପରିଣତ ହୋଇଛି ରୂପାନ୍ତର ପରିକଳ୍ପନା

ବାରିପଦା/ବୈଶିଙ୍ଗା, ୨୦ ।୧(ସମିସ)



ଶନିବାର '୫-ଟି' ଯୋଜନା ଅନ୍ତର୍ଗତ ଚତୁର୍ଥ ପର୍ଯ୍ୟାୟ ହାଇସ୍କୁଲ ରୂପାନ୍ତରକରଣ ଧାରାରେ ମୟୂରଭଞ୍ଜ ଜିଲ୍ଲାର ଆଉ ୧୦୫ଟି ରୂପାନ୍ତରିତ ହାଇସ୍କୁଲକୁ ଆଭାସୀ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଲୋକାର୍ପଣ କରିଛନ୍ତି । ଏହି ପରିପ୍ରେକ୍ଷୀରେ ବେତନଟୀ ବ୍ଲକର କଳମା ସ୍ଥିତ ଭଞ୍ଜଭୂମି ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଜିଲ୍ଲାପାଳ ବିନୀତ ଭରଦ୍ୱାଜଙ୍କ ଅଧ୍ୟକ୍ଷତାରେ ଏକ ବର୍ଣ୍ଣାଢ୍ୟ ପରିବେଶରେ ଲୋକାର୍ପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଦ୍ୟାଳୟ ଓ ଗଣଶିକ୍ଷା ତଥା ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ମନ୍ତ୍ରୀ ସୁଦାମ ମାର୍ଣ୍ଡି, ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ବିଭାଗର ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ, ରାଜ୍ୟସଭା ସାଂସଦ ମମତା ମହାନ୍ତ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦା ଓ ମୟୂରଭଞ୍ଜ ଆଦିବାସୀ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ଡା ଦେବାଶିଷ ମାର୍ଣ୍ଡି ଯୋଗଦେଇ ଏହି ବିଦ୍ୟାଳୟ ରୂପାନ୍ତର କାର୍ଯ୍ୟକ୍ରମର ପରିକଳ୍ପନା ଆଜି ବାସ୍ତବତାରେ ପରିଣତ ହୋଇଛି ବୋଲି କହିଥିଲେ । ଜିଲ୍ଲା ତଥା ରାଜ୍ୟର ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ପାଇଁ ଗୁଣାତ୍ମକ ଶିକ୍ଷା ଉପଲବ୍ଧ ହୋଇପାରିଛି । ପିଲାମାନେ ସ୍କୁଲରେ ସ୍ମାର୍ଟ ଶ୍ରେଣୀ ଗୃହ, ଇ-ଲାଇବ୍ରେରୀ, ବିଜ୍ଞାନ ପରୀକ୍ଷାଗାର ସହିତ ଶାରୀରିକ ବିକାଶ ପାଇଁ ଉତ୍ତମ ଖେଳ ପଡିଆ ଓ ବଗିଚା ଆଦି ପ୍ରସ୍ତୁତ କରି ସ୍କୁଲରେ ଏକ ଉତ୍ତମ ଶୈକ୍ଷିକ ବାତାବରଣ ସୃଷ୍ଟି କରାଯାଇଛି; ଯଦ୍ୱାରା ପିଲାମାନଙ୍କ ମନରେ ପ୍ରତ୍ୟେକ ଦିନ ସ୍କୁଲ ଆସିବା ଉତ୍ସାହକୁ ଅନେକ ମାତ୍ରାରେ ବଢ଼ାଇଛି । ଫଳରେ ମୁଖ୍ୟମନ୍ତ୍ରୀଙ୍କ ସ୍ୱପ୍ନ 'ସବୁଦିନ ସ୍କୁଲ ଯିବା, ଭଲ ପାଠ ପଢ଼ିବା, ବାପା ମା'ଙ୍କ ପାଇଁ ସୁନାମ ଆଣିବା -ପଢିବା, ଗଢିବା ଓ ଶ୍ରେଷ୍ଠ ହେବା' ସାକାର ହୋଇଛି । ଏହାପରେ ମୁଖ୍ୟମନ୍ତ୍ରୀ ରୂପାନ୍ତରିତ ହୋଇଥିବା ୧୦୫ଟି ହାଇସ୍କୁଲକୁ ଆଭାସୀ ମଧ୍ୟମରେ ଫଳକ ଅନାବରଣ ପୂର୍ବକ ଲୋକାର୍ପଣ କରିଥିଲେ । ପ୍ରକାଶ ଥାଉକି ୫-ଟି ଆଧାରରେ ଜିଲ୍ଲାରେ ଏହା ପୂର୍ବରୁ ୧ମ, ୨ୟ ଓ ୩ୟ ପର୍ଯାୟରେ ଯଥାକ୍ରମେ ୬୦, ୩୩୯ ଓ ୧୦୦ଟି ସ୍କୁଲ ରୂପାନ୍ତରିତ ହୋଇ ଲୋକାର୍ପିତ ହୋଇଥିଲା । ଏହି ଅବସରରେ ଉକ୍ତ ସ୍କୁଲର ନବମ ଶ୍ରେଣୀ ଛାତ୍ରୀ ଆର୍ଯ୍ୟସ୍ୱତ୍ତା ପ୍ରଧାନ ସ୍କୁଲ ରୂପାନ୍ତରିତ ହେବା ପରେ ତାଙ୍କର ଅନୁଭୂତି ତଥା ଅନ୍ତରର ଖୁସିକୁ ବ୍ୟକ୍ତ କରିଥିଲେ ଏବଂ ମୁଖ୍ୟମନ୍ତ୍ରୀଙ୍କ ସହିତ ଆଭାସୀ ମାଧ୍ୟମରେ ବାର୍ତ୍ତାଳାପ କରି ପ୍ରଶ୍ନର ଉତ୍ତରରେ ବଡ ହେଲେ ସେ ଜଣେ ଆଇପିଏସ ହେବେ ବୋଲି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କ ସହିତ ବିଭାଗର ସମସ୍ତ ଅଧିକାରୀ କର୍ମଚାରୀ ଅନ୍ୟାନ୍ୟ ବିଭାଗୀୟ ପଦାଧିକାରୀ, ଛାତ୍ରଛାତ୍ରୀ, ଅଭିଭାବକ, ଶିକ୍ଷକ ଶିକ୍ଷୟିତ୍ରୀ ତଥା ଗଣମାଧ୍ୟମର ପ୍ରତିନିଧି ଉପସ୍ଥିତ ଥିଲେ । ଶେଷରେ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ସମସ୍ତ ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ, ଅଭିଭାବକ ଓ ସର୍ବୋପରି ରାଜ୍ୟବାସୀଙ୍କୁ ଏହି ରୂପାନ୍ତରିତ ବିଦ୍ୟାଳୟଗୁଡିକ ନିଜର ସମ୍ପତ୍ତି ଭାବି ନିରବଚ୍ଛିନ୍ନ ସୁରକ୍ଷା ନିମନ୍ତେ ଯତ୍ନବାନ ହେବାକୁ ପରାମର୍ଶ ଦେଇ ଧନ୍ୟବାଦ ଅର୍ପଣ କରିଥିଲେ । ଏହାପରେ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

**୬୦୪ରେ ପହଞ୍ଚିଲା ସ୍ମାର୍ଟ ହାଇସ୍କୁଲ ସଂଖ୍ୟା**

## ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟରେ 'ନୂଆ-ଓ' ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା



**ବାରିପଦା, ୨୦ ।୧(ସମିସ):** ବାରିପଦା ଉତ୍କଳମଣି ଗୋପବନ୍ଧୁ ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟ ତରଫରୁ ଓଡ଼ିଆରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । 'ନୂଆ-ଓ' ଓଡ଼ିଆ ସାହିତ୍ୟ ମାଧ୍ୟମରେ ବକ୍ତୃତା, କବିତା ଲିଖନ, କବିତା ପଠନ, ପ୍ରବନ୍ଧ ଲିଖନ, କୁଇଜ୍, ବ୍ୟାକରଣ ଦକ୍ଷତା, ଲୋକନୃତ୍ୟ, ଭଜନ ଗାନ, ସ୍ଲୋଗାନ, ଜଗନ୍ନାଥ ସଂସ୍କୃତି ସମ୍ପର୍କିତ ଚିତ୍ରକଳା ପ୍ରଦର୍ଶନୀ ହୋଇଥିଲା । ଏହି ଅବସରରେ ଅଧ୍ୟକ୍ଷ ପ୍ରଫେସର ଡକ୍ଟର ସଞ୍ଜୟ କୁମାର ଦେଙ୍କ ସଭାପତିତ୍ୱରେ 'ଜଗନ୍ନାଥ କୈନ୍ଦ୍ରିକ ଓଡ଼ିଆ ଭାଷା ଓ ଏହାର ଭବିଷ୍ୟତ' ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । ଆଲୋଚନାଚକ୍ରରେ ବିଶିଷ୍ଟ ଓଡ଼ିଆ ଭାଷାବିତ ତଥା ସଦସ୍ୟ ସଚିବ, ଓଡ଼ିଆ ଅଧ୍ୟୟନ ଓ ଗବେଷଣା ସଂସ୍ଥା, ଭୁବନେଶ୍ୱରର ଡକ୍ଟର ସୁବ୍ରତ କୁମାର ପୃଷ୍ଟି ମୁଖ୍ୟଅତିଥି ଏବଂ ଜଗନ୍ନାଥ ସଂସ୍କୃତି ଗବେଷକ ଓ ବରିଷ୍ଠ କବି ପ୍ରଶାନ୍ତ ଦାସ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । ନୋଡ଼ାଲ ଅଫିସର ସହକାରୀ ପ୍ରଫେସର ଡକ୍ଟର ତ୍ରିନାଥ ମଲ୍ଲିକ ସଂଯୋଜନା କରିଥିଲେ । ମହାବିଦ୍ୟାଳୟର ସମସ୍ତ ସହକାରୀ ପ୍ରଫେସର ଡକ୍ଟର ଚିତ୍ରସେନ ସେଠୀ, କ୍ଷୀରୋଦ କୁମାର ଚୌଧୁରୀ, କେ ଲକ୍ଷ୍ମୀ ସେନାପତି, ଉମେଶ ଚନ୍ଦ୍ର ମାଝୀ, ସନ୍ଦୀପ ସିଂ, ରାଜକିଶୋର ରାଉଳ, ସରୋଜ କୁମାର ଦାସ, ନବୀନ କୁମାର ନାଏକ ଏବଂ ଅଧ୍ୟାପିକା ମୋନାଲି ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ । ଏହି ଉପଲକ୍ଷେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା । ଶେଷରେ ସହକାରୀ ପ୍ରଫେସର ଡ. ସରୋଜ କୁମାର ନାଏକ ଧନ୍ୟବାଦ ଅର୍ପଣ କରିଥିଲେ ।

● ବିଭିନ୍ନ ସ୍ଥାନରେ ପୁଲିସର ଚଢଉ

## ୧୩୬ ୱାରେଣ୍ଟି ଗିରଫ; ୧୯୪ ମାମଲା ରୁଜୁ

**ବାରିପଦା, ୨୦ ।୧(ସମିସ):** ଅବୈଧ ନିଶା କାରବାର ରୋକିବା ଏବଂଓ ଜାମିନବିହୀନ ଗିରଫ ପରୱାନା ୱାରେଣ୍ଟିଙ୍କୁ ଗିରଫ କରିବାରେ ମୟୂରଭଞ୍ଜ ଜିଲ୍ଲା ପୁଲିସକୁ ସଫଳତା ମିଳିଛି । ଗତ ୬ ଦିନରେ ପୁଲିସ ପକ୍ଷରୁ ସ୍ୱତନ୍ତ୍ରଭାବେ ଚଢଉ କରାଯାଇ ୧୯୪ଟି ବେଆଇନ ମଦ ବିକ୍ରି ଓ ପ୍ରସ୍ତୁତି ମାମଲା ରୁଜୁ କରିବା ସହିତ ବିପୁଳ ପରିମାଣର ମଦ ଜବତ କରାଯାଇଛି । ଏଥିସହିତ ୧୩୬ ପୁରୁଣା ୱାରେଣ୍ଟିଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି । ସୂଚନା ଅନୁଯାୟୀ, ବେଆଇନ ମଦ କାରବାରକୁ ରୋକ ଲଗାଇବା ପାଇଁ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଏସ ସୁଶ୍ରୀଙ୍କ ନିର୍ଦ୍ଦେଶକ୍ରମେ ଗତ ୧୨ତାରିଖରୁ ୧୭ ତାରିଖ ପର୍ଯ୍ୟନ୍ତ ଜିଲ୍ଲାର ବିଭିନ୍ନ ସ୍ଥାନରେ ଚଢଉ କରାଯାଇଥିଲା । ଜିଲ୍ଲାର ବିଭିନ୍ନ ଥାନା ଅଞ୍ଚଳରେ ହୋଇଥିବା ଚଢ଼ଉ ପ୍ରକ୍ରିୟାରେ ମୋଟ ୧୯୪ଟି ମାମଲା ସହ ୧୫୦ରୁ ଉର୍ଦ୍ଧ୍ୱ ଗିରଫ ହୋଇଛନ୍ତି । ଚଢ଼ଉରେ ୧୨୮୫ ଲିଟରର ଦେଶୀ ମଦ, ୫୦୯ଲିଟର ବିଦେଶୀ ମଦ ଏବଂ ୩୨୦୦ କିଲୋ ମହୁଲ ପୋଚ ଜବତ କରାଯିବା ସହ ତାହାକୁ ନଷ୍ଟ କରାଯାଇଛି । ସମସ୍ତ ଅଭିଯୁକ୍ତକୁ କୋର୍ଟଚାଲାଣ କରାଯାଇଛି । ସେହିପରି ଏହି ୬ଦିନରେ ଜିଲ୍ଲାର ବିଭିନ୍ନ ଥାନାରେ ପଡିରହିଥିବା ଜାମିନବିହୀନ ଗିରଫ ପରୱାନା ୱାରେଣ୍ଟି ଧରପଗଡରେ ୧୩୬ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି ।

● ଶାମ୍ବ ଦଶମୀରେ ସୂର୍ଯ୍ୟ ପୂଜା ପାଇଁ ଶ୍ରଦ୍ଧାଳୁଙ୍କ ଭିଡ଼

## ବାଘରାରୋଡ, ମାତୃମଙ୍ଗଳ ଛକ ଉତ୍ସବମୁଖର

**ବାରିପଦା, ୨୦ ।୧(ସମିସ):** ଶନିବାର ଶାମ୍ବ ଦଶମୀ ତଥା ସୂର୍ଯ୍ୟ ପୂଜା ପାଇଁ ବାରିପଦା ସହରର ବିଭିନ୍ନ ମନ୍ଦିର ଓ ପୂଜାମଣ୍ଡପରେ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା । ସୂର୍ଯ୍ୟ ହେଉଛନ୍ତି ସକଳ ଶକ୍ତିର ଆଧାର । ସୂର୍ଯ୍ୟ ଦେବତାଙ୍କ ରଥାରୂଢ଼ ପ୍ରତିମୂର୍ତ୍ତିକୁ ଶାମ୍ବଦଶମୀ ଅବସରରେ ପୂଜାକଲେ ମିଳିଥାଏ କୋଟି ଜନ୍ମର ପୁଣ୍ୟ; ଯାହାକୁ ନେଇ ବାରିପଦାର ବାଘରାରୋଡ ଏବଂ ମାତୃମଙ୍ଗଳ ଛକରେ ମଣ୍ଡପରେ ସୂର୍ଯ୍ୟ ଦେବତାଙ୍କ ପୂଜାର୍ଚ୍ଚନା କରାଯାଉଛି । ଚଳିତବର୍ଷ ବାଘରାରୋଡ ପୂଜା



୫୮ବର୍ଷ ଏବଂ ମାତୃମଙ୍ଗଳ ଛକ ଦ୍ୱିତୀୟ ବର୍ଷ ପୂର୍ତ୍ତି ପାଳନ କରାଯାଉଥିବା ବେଳେ ବାରିପଦାର ଏହା ଅନନ୍ୟ ପୂଜା ମଣ୍ଡପ ଭାବେ ପରିଚିତ । ସାତଟି ଘୋଡା ସାରଥୀଙ୍କ ସହ ସୂର୍ଯ୍ୟ ଦେବତା ଶୋଭା ପାଉଛନ୍ତି । ଭଗବାନ ସୂର୍ଯ୍ୟଦେବତାଙ୍କ ସୁନ୍ଦର ପ୍ରତିମା ରଥାରୂଢ ରୂପରେ ବାରିପଦା ସହରର ବାଘଡାରୋଡ ସୂର୍ଯ୍ୟପୂଜା ପ୍ୟାଣ୍ଡେଲରେ ଶୋଭା ପାଉଛନ୍ତି । ଦଶମୀ ତିଥିରେ ଭଗବାନ ସୂର୍ଯ୍ୟଙ୍କ ଏହି ପୂଜା କରାଯାଉଥିବା ବେଳେ ଶତାଧିକ ମହିଳା ମାନସିକ ପୂଜା କରିଛନ୍ତି । ପୁରାଣ ବର୍ଣ୍ଣନା ଅନୁସାରେ, ଶ୍ରୀକୃଷ୍ଣ ନିଜ ପୁତ୍ର ଶାମ୍ବକୁ କୁଷ୍ଠ ରୋଗରୁ ମୁକ୍ତି ଲାଗି ସୂର୍ଯ୍ୟଙ୍କୁ ଆରଧନା କରିବା ପାଇଁ ପରାମର୍ଶ ଦେଇଥିଲେ । ଶାମ୍ବ ସୂର୍ଯ୍ୟ ଦେବତାଙ୍କ ଆରାଧନା କରି ରୋଗମୁକ୍ତ ହୋଇଥିବାର ପୁରାଣରେ ବର୍ଣ୍ଣନା କରାଯାଇଛି । ପରମ୍ପରା ଅନୁସାରେ ଶାମ୍ବ ଦଶମୀ ଅବସରରେ ଭକ୍ତ ନିଜ ପୁତ୍ର ତଥା ନିଜ ପରିବାରର ଉତ୍ତରୋତ୍ତର ଉନ୍ନତି ପାଇଁ ଭଗବାନଙ୍କ ପାଖରେ ମାନସିକ ପୂଜା କରିବା ସହ ଖିରି, ପୁରି କରି ଭଗବାନଙ୍କ ନାମରେ ଅର୍ପଣ କରିଥାନ୍ତି । ଏହି ଅବସରରେ ଭକ୍ତ ଭଗବାନଙ୍କ ଅପୂର୍ବ ମିଳନ ଏହି ପୂଜା ମଣ୍ଡପରେ ଦେଖିବାକୁ ମିଳିଥିଲା । ବୁଢାବଳଙ୍ଗ ନଦୀର ତ୍ରିବେଣୀ ସଙ୍ଗମରୁ ଘଟରେ ପାଣି ଆଣି ପୂଜା କରିଥିଲେ । ଘଣ୍ଟ, ଘଣ୍ଟା, ଶଙ୍ଖ, ହୁଳହୁଳି ସହ ହୋମଯଜ୍ଞରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା । ପୂଜା କମିଟି ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା । ଶ୍ରଦ୍ଧାଳୁମାନେ ରଥାରୂଢ ସୂର୍ଯ୍ୟ ଦେବତାଙ୍କ ପୂଜା କରି ଅନନ୍ୟ ପରମ୍ପରା ସୃଷ୍ଟି କରିଛନ୍ତି ।

● ଇଭିଏମ୍ ଓ ଭିଭିପ୍ୟାଟ ପ୍ରଦର୍ଶନ କେନ୍ଦ୍ର ଉଦ୍‌ଘାଟିତ

## ସରକାରୀ କର୍ମଚାରୀ ଦେଲେ ନମୁନା ଭୋଟ୍

ବାରିପଦା, ୨୦ ।୧(ସମିସ)



ଆଗାମୀ ସାଧାରଣ ନିର୍ବାଚନ-୨୦୨୪ରେ ଭୋଟରଙ୍କର ନିର୍ଭୁଲ ମତଦାନ ତଥା ସେହି ମତଦାନର ସଠିକତା ସମ୍ପର୍କରେ ନିଶ୍ଚିତ ହେବା ସମ୍ବନ୍ଧରେ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ପାଇଁ ଶନିବାର ଜିଲ୍ଲାପାଳ ବିନୀତ ଭରଦ୍ୱାଜ ଇଭିଏମ ଓ ଭିଭିପ୍ୟାଟ ପ୍ରଦର୍ଶନ କେନ୍ଦ୍ର (ଡେମୋନଷ୍ଟ୍ରେସନ ସେଣ୍ଟର) ଉଦଘାଟନ କରିଛନ୍ତି । ଏହି କେନ୍ଦ୍ରରେ ଇଭିଏମ ଏବଂ ଭିଭିପ୍ୟାଟର କାର୍ଯ୍ୟ ପ୍ରକ୍ରିୟା ସହ ପୋଲିଂ ବୁଥରେ ମତଦାନର ସମ୍ପୂର୍ଣ୍ଣ ପ୍ରକ୍ରିୟା ସମ୍ବନ୍ଧରେ ନମୁନା ମତଦାନ ଜରିଆରେ ଅବଗତ ତଥା ସଚେତନ କରାଯିବ; ଯଦ୍ୱାରା ଆଗାମୀ ସାଧାରଣ ନିର୍ବାଚନରେ ପ୍ରତ୍ୟେକ ମତଦାତା ନିର୍ଭୁଲ ଭାବେ ମତଦାନ କରିବା ସହିତ ତାଙ୍କର ଭୋଟଟି ମନୋନୀତ ସଠିକ ପ୍ରାର୍ଥୀଙ୍କ ସପକ୍ଷରେ ଯାଇଛି କି ନାହିଁ ସେ ସମ୍ବନ୍ଧରେ ନିଶ୍ଚିତ ହୋଇପାରିବେ । ଏହି ପରିପ୍ରେକ୍ଷୀରେ ଜିଲ୍ଲାପାଳ ଶ୍ରୀ ଭରଦ୍ୱାଜ କହିଛନ୍ତି, ଏହି ଇଭିଏମ ଏବଂ ଭିଭିପ୍ୟାଟ ପ୍ରଦର୍ଶନ କେନ୍ଦ୍ର ସମସ୍ତ ଉପଖଣ୍ଡ ସଦର ମହକୁମାଠାରେ ପ୍ରଦର୍ଶିତ ହୋଇଛି । ସମସ୍ତ ଭୋଟରଙ୍କ ପାଇଁ ସକାଳ ୧୦ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଖୋଲା ରହିବ । ନିର୍ବାଚନ କମିଶନଙ୍କ ସୂଚନାନୁଯାୟୀ, ସମସ୍ତ ପଞ୍ଜୀକୃତ ଭୋଟରମାନେ ଏହି ଇଭିଏମ ଏବଂ ଭିଭିପ୍ୟାଟ ପ୍ରଦର୍ଶନ କେନ୍ଦ୍ରକୁ ଆସି ନିଜ ନିଜ ନମୁନା ଭୋଟିଂ କରିପାରିବେ ଏବଂ ସେମାନଙ୍କୁ ଏହି ଇଭିଏମ ମେସିନର କାର୍ଯ୍ୟକାରିତା ଏବଂ ଉପଯୋଗିତା ବିଷୟରେ ବୁଝାଇବା ପାଇଁ ଜଣେ ସରକାରୀ କର୍ମଚାରୀ ନିୟୋଜିତ ରହିବେ । ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ନେତ୍ରାନନ୍ଦ ମଲ୍ଲିକ, ଅତିରିକ୍ତ ଜିଲ୍ଲାପାଳ ଅଭିମନ୍ୟୁ ବେହେରା, ଅତିରିକ୍ତ ଜିଲ୍ଲାପାଳ ରାଇରଙ୍ଗପୁର ଦୌଲତ ଚନ୍ଦ୍ରକାର, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ରଜନୀକାନ୍ତ ସ୍ୱାଇଁ, ବାରିପଦା ଡେପୁଟି କଲେକ୍ଟର (ଇଲେକ୍ସନ) ଦୁର୍ଗା ଚରଣ ମୁର୍ମୁ, ଡେପୁଟି କଲେକ୍ଟର ବିଶ୍ୱଜିତ ପଣ୍ଡା, ଡେପୁଟି କଲେକ୍ଟର ଶୁଭଙ୍କରୀ ସୁଦେଷ୍ଣା ଦାଶ, ବାରିପଦା ଡେପୁଟି କଲେକ୍ଟର ଅନିଲ କୁମାର ମହାନ୍ତି, ବାରିପଦା ସହକାରୀ ଜିଲ୍ଲାପାଳ ନିହାର ରଞ୍ଜନ ଦାସଙ୍କ ସମେତ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅବିନାଶ ପାଣି, ଜିଲ୍ଲା ମୁଖ୍ୟ ନିର୍ବାଚନ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଏବଂ ବିଭିନ୍ନ ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ । ଏହି ଅବସରରେ ସରକାରୀ କର୍ମଚାରୀମାନେ ଇଭିଏମ ଓ ଭିଭିପ୍ୟାଟ ପ୍ରଦର୍ଶନ କେନ୍ଦ୍ରରେ ନିଜର ନମୁନା ଭୋଟିଂ କରିଥିଲେ ।

## ଜାତୀୟ ଯୁବ ଉତ୍ସବ ଚିତ୍ରକଳାରେ ମୟୂରଭଞ୍ଜ ଜିଲ୍ଲା ପ୍ରଥମ



**ବାରିପଦା, ୨୦ ।୧(ସମିସ):** ମହାରାଷ୍ଟ୍ର ନାସିକଠାରେ ୫ ଦିନ ଧରି ଚାଲିଥିବା ୨୭ତମ ଜାତୀୟ ଯୁବ ଉତ୍ସବରେ ମୟୂରଭଞ୍ଜ ଜିଲ୍ଲା କୃତିତ୍ୱ ଅର୍ଜନ କରିଛି । ଯୁବ ଉତ୍ସବରେ ଜିଲ୍ଲାରୁ ଅଂଶଗ୍ରହଣ କରିଥିବା ଯୁବ ଚିତ୍ରଶିଳ୍ପୀ ଜ୍ୟୋତିରଞ୍ଜନ ମହାପାତ୍ର ସର୍ବଭାରତୀୟ ସ୍ତରରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି ।ରୀ କରି ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି । ମହାରାଷ୍ଟ୍ରର ନାଶିକ ଠାରେ ପାଞ୍ଚ ଦିନ ଧରି ଅନୁଷ୍ଠିତ ହୋଇଥିଲା । ଏହି ଉତ୍ସବକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଉଦଘାଟନ କରିଥିଲେ । ଏଥିରେ ଦେଶ ସାରାରୁ ଅନେକ ସଂଖ୍ୟକ ଯୁବକ/ଯୁବତୀ ଯୋଗ ଦେଇଥିଲେ । ମୟୁରଭଞ୍ଜ ଜିଲ୍ଲାରୁ ବିଭିନ୍ନ ବର୍ଗରେ ପାଞ୍ଚ ଜଣ ଯୁବ ପ୍ରତିଭା କାର୍ଯ୍ୟକ୍ରମରେ ଯୋଗଦେଇ ନିଜର ପ୍ରତିଭା ପ୍ରଦର୍ଶନ କରିଥିଲେ । ସେଥିରୁ ବାରିପଦାର ଭଞ୍ଜପୁର ନିବାସୀ ସ୍ୱର୍ଗତ ସୋମନାଥ ମହାପାତ୍ରଙ୍କ ପୁତ୍ର ଯୁବ ଚିତ୍ରଶିଳ୍ପୀ ଜ୍ୟୋତିରଞ୍ଜନ ମହାପାତ୍ର ଚିତ୍ରକଳାରେ ସର୍ବ ଭାରତୀୟ ସ୍ତରରେ ପ୍ରଥମ ସ୍ଥାନ ଅଧିକାରୀ କରି ଅତିଥିଙ୍କ ଦ୍ୱାରା ପୁରସ୍କୃତ ହୋଇଛନ୍ତି । ଯାହାକି ମୟୂରଭଞ୍ଜ ଜିଲ୍ଲା ପାଇଁ ଗର୍ବ ଗୌରବ ଆଣିଥିବା ବେଳେ ଯୁବ ପ୍ରତିଭା ସର୍ବ ଭାରତୀୟ ସ୍ତରରେ କୃତିତ୍ୱ ଅର୍ଜନ କରିଥିବାରୁ ବିଭିନ୍ନ ମହଲରୁ ତାଙ୍କୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି ।

## ଏମ୍‌ପିସିରେ ଶ୍ରୀଜଗନ୍ନାଥ ସଂସ୍କୃତି ଆଲୋଚନାଚକ୍ର




**ବାରିପଦା,୨୦ ।୧(ସମିସ):** 'ନୂଆ-ଓ' ସାହିତ୍ୟ କାର୍ଯ୍ୟକ୍ରମ ଅନ୍ତର୍ଗତ ଏମପିସି ସ୍ୱୟଂଶାସିତ ମହାବିଦ୍ୟାଳୟରେ ଶ୍ରୀଜଗନ୍ନାଥ ସଂସ୍କୃତି ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଆଲୋଚକଭାବେ ଅବସରପ୍ରାପ୍ତ ଓଡ଼ିଆ ପ୍ରାଧ୍ୟାପକ ଡକ୍ଟର ସୁଶାନ୍ତ କୁମାର ବସା ଓ ଜଗନ୍ନାଥ ସଂସ୍କୃତିର ଭାଷ୍ୟକାର ଲଳିତ ମହାନ୍ତ ଯୋଗ ଦେଇଥିଲେ । ଡକ୍ଟର ଶ୍ରୀ ବସା ଲୋକ ଜୀବନ ଓ ସଂସ୍କୃତିରେ ଜଗନ୍ନାଥ ପ୍ରସଙ୍ଗରେ ଆଲୋକପାତ କରିଥିଲାବେଳେ ଶ୍ରୀ ମହାନ୍ତ ବିଶ୍ୱ ପ୍ରେକ୍ଷାପଟରେ ଶ୍ରୀଜଗନ୍ନାଥଙ୍କ ମହାଜ୍ୟ ସମ୍ପର୍କରେ ଚର୍ଚ୍ଚା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ନୋଡାଲ ଅଧିକାରୀ ଡକ୍ଟର କୈଳାସ ମିଶ୍ର, କଲେଜ ପ୍ରାଶାସନିକ ମୁଖ୍ୟ ଡ ଦୀପକ ବେହେରା ମଞ୍ଚାସୀନ ଥିଲେ । ପ୍ରାରମ୍ଭରେ 'ନୂଆ-ଓ' ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା ନୋଡାଲ ଅଧିକାରୀ ରୀନା ମୁର୍ମୁ ସ୍ୱାଗତ ଭାଷଣ ରଖିଥିଲେ । ଅଧ୍ୟାପକ ଡ ଦୟାନିଧି ପରିଡ଼ା କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ଅଧ୍ୟାପିକା ଛନ୍ଦିତା ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ କଲେଜର ବହୁ ସଂଖ୍ୟକ ଅଧ୍ୟାପକ, ଅଧ୍ୟାପିକା ଓ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ । ପରେ କଳାତ୍ମକ ଚଳଚ୍ଚିତ୍ର ପ୍ରଦର୍ଶନୀ ହୋଇଥିଲା ।

## 'ପିଏମ୍ ଜନମନ' ଯୋଜନାରୁ ବଞ୍ଚିତ ୨୪ ବ୍ଲକର ଖଡ଼ିଆ ସମ୍ପ୍ରଦାୟ

ବାରିପଦା, ୨୦ ।୧(ସମିସ)



ମୟୂରଭଞ୍ଜ ଜିଲ୍ଲାର ୨୪ଟି ବ୍ଲକରେ ବସବାସ କରୁଥିବା ଖଡ଼ିଆ ଜନଜାତିଙ୍କୁ ପିଏମ ଜନମନ ଯୋଜନାରେ ସାମିଲ କରାଯାଇନାହିଁ; ଯାହାକୁ ନେଇ ଆଜି ଖଡ଼ିଆ ଜନଜାତିମାନେ ଶନିବାର ବାରିପଦାଠାରେ ଜିଲ୍ଲାପାଳ ବିନୀତ ଭରଦ୍ୱାଜଙ୍କୁ ଭେଟି ଜନମନ ଯୋଜନାରେ ସାମିଲ କରିବାକୁ ଦାବି ଜଣାଇବା ସହିତ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି । ସମାଜର ପଛୁଆ ବର୍ଗର ଜନଜାତି ସମ୍ପ୍ରଦାୟର ଲୋକମାନଙ୍କ ଉନ୍ନୟନ ନିମନ୍ତେ କାର୍ଯ୍ୟକାରୀ ହୋଇଥିବା ପିଏମ ଜନମନ ଯୋଜନା ଉକ୍ତ ଜନଜାତି ଲୋକମାନେ ସାମିଲ ହୋଇ ପାରିନାହାନ୍ତି । ସର୍ଭେ ପ୍ରକ୍ରିୟାରେ କେବଳ କରଞ୍ଜିଆ ଓ ଯଶିପୁର ବ୍ଲକର ଖଡ଼ିଆ ଜନଜାତି ଲୋକଙ୍କୁ ସାମିଲ କରାଯାଇଥିବା ବେଳେ ଅନ୍ୟ ୨୪ଟି ବ୍ଲକର ଏହି ଜନଜାତିଙ୍କୁ ଅନ୍ତର୍ଭୁକ୍ତ କରାଯାଇନାହିଁ । କେନ୍ଦ୍ରୀୟ ଯୋଜନାରେ ଖଡ଼ିଆ ସମ୍ପ୍ରଦାୟର ଲୋକଙ୍କୁ ଅଣଦେଖା କରାଯାଇଥିବାରୁ ସେମାନର କ୍ଷୋଭ ପ୍ରକାଶ କରିଛନ୍ତି । ତେଣୁ ଶୀଘ୍ର ବାଦ ପଡିଥିବା ଖଡିଆ ସଂପ୍ରଦାୟର ଜନଜାତିଙ୍କୁ ପିଏମ ଜନମନ ଯୋଜନାରେ ଅନ୍ତର୍ଭୁକ୍ତ କରିବା ପାଇଁ ଦାବି ଜଣାଇଛନ୍ତି । ଦାବିପତ୍ର ପ୍ରଦାନ କାର୍ଯ୍ୟକ୍ରମରେ ସନ୍ତୋଷ କୁମାର ମହାନ୍ତି, ପ୍ରସନ୍ନ କୁମାର ଦେହୁରୀ, ଶୁକଦେବ ଦେହୁରୀ, ସାଇବା ଭକ୍ତା, ଦୁର୍ଗା ଦେହୁରୀ, ଦୁର୍ଯ୍ୟୋଧନ ଭକ୍ତା, ଆକାଶ ଭକ୍ତା, ବିନୋଦ ଦେହୁରୀ ଓ କାଳିଆ ଦେହୁରୀ ପ୍ରମୁଖ ଉପସ୍ଥିତ ଥିଲେ ।



## ସର୍ବଭାରତୀୟ ଫୁଟି ଖେଳ ଉଦ୍‌ଘାଟିତ

ବାରିପଦା, ୨୦ ।୧(ସମିସ)

ଏମପିସି ସ୍ୱୟଂଶାସିତ ମହାବିଦ୍ୟାଳୟ ପଡିଆରେ ଓଡିଶା ଫୁଟି ଆସୋସିଏସନ ଆନୁକୂଲ୍ୟରେ ୨ ଦିନିଆ ସର୍ବଭାରତୀୟ ଫୁଟି ଖେଳ ଶନିବାର ପ୍ରତିଯୋଗିତା ଉଦଘାଟିତ ହୋଇଯାଇଛି । ଏଥିରେ ୧୧ଟି ରାଜ୍ୟର ଟିମ ଅଂଶ ଗ୍ରହଣ କରୁଛନ୍ତି । ଓଡିଶା, ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ, କେରଳ, ମହାରାଷ୍ଟ୍ର, ବିହାର, ରାଜସ୍ଥାନ, ତାମିଲନାଡୁ, ତେଲେଙ୍ଗାନା, ଆନ୍ଧ୍ରପ୍ରଦେଶ, ଉତ୍ତରପ୍ରଦେଶ ଟିମ୍ ଜୁନିଅର ଏବଂ ସିନିଅର ଦଳ ଅଂଶ ଗ୍ରହଣ କରିଥିଲେ । ପୂର୍ବତନ ଉପବାଚସ୍ପତି ସାନନ୍ଦ ମାର୍ଣ୍ଡି ମୁଖ୍ୟଅତିଥି ଭାବେ ଯୋଗ ଦେଇ ଖେଳକୁ ଉଦଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବେ ମୟୂରଭଞ୍ଜ ମୟୂରଭଞ୍ଜ ଆଥଲେଟିକ ଆସୋସିଏସନ ସମ୍ପାଦକ ବିଜୟ ଦାସ ଓ ମୟୂରଭଞ୍ଜ ମୁକ୍ତି ମୋର୍ଚ୍ଚା ସଭାପତି ଧରମରାଜ ହାଁସଦା ପ୍ରମୁଖ ଉପସ୍ଥିତ ଥିଲେ । ୨ ଦିନର ଖେଳରେ ଭାରତୀୟ ଟିମ ପାଇଁ ଖେଳାଳୀ ଚୟନ କରାଯିବ । ଏହି ଖେଳକୁ ଓଡିଶା ଫୁଟି ଆସସିଏସନ ସଭାପତି ରାମଚନ୍ଦ୍ର ମୁର୍ମୁ, ସମ୍ପାଦକ ଲାସା ମାର୍ଣ୍ଡି, ପ୍ରଶିକ୍ଷକ ସିପୁନ ମାର୍ଣ୍ଡି ପ୍ରମୁଖ ପରିଚାଳନା କରୁଛନ୍ତି ।



## ନବୋଦୟ ପ୍ରବେଶିକା ପରୀକ୍ଷା ଶେଷ

କରଞ୍ଜିଆ, ୨୦।୧ (ସମିସ): ଆଜି କରଞ୍ଜିଆର ଦୁଇଟି କେନ୍ଦ୍ରରେ ୪୮୬ ଜଣ ନବୋଦୟ ବିଦ୍ୟାଳୟରେ ନାମ ଲେଖାଇବା ପାଇଁ ପ୍ରବେଶିକ ପରୀକ୍ଷା ଦେଇଥିଲେ। ଏଥିପାଇଁ ୫୬୯ ଜଣ ପରୀକ୍ଷା ପାଇଁ ଆବେଦନ କରିଥିଲେ। କରଞ୍ଜିଆ ଉଚ୍ଚ ବିଦ୍ୟାଳୟରେ ମୋଟ ୨୮୮ ଜଣ ପରୀକ୍ଷାର୍ଥୀ ପରୀକ୍ଷା ପାଇଁ ଆବେଦନ କରିଥିବାବେଳେ ସେଥିରୁ ୨୪୫ ପରୀକ୍ଷା ଦେଇଥିବା ବେଳେ ୪୩ ଜଣ ଅନୁପସ୍ଥିତଥିଲେ ବୋଲି ପ୍ରଧାନ ଶିକ୍ଷକ ଚତୁର୍ଭୁଜ ବାରିକ ସୂଚନା ଦେଇଛନ୍ତି। ସେହିପରି କରଞ୍ଜିଆ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ୨୮୧ ଜଣ ପରୀକ୍ଷାର୍ଥୀ ପରୀକ୍ଷାଦେବା କଥା; ହେଲେ ସେଥିରୁ ୨୪୧ ଜଣ ପରୀକ୍ଷା ଦେଇଥିବାବେଳେ ୪୦ ଜଣ ଅନୁପସ୍ଥିତ ଥିଲେ ବୋଲି ପ୍ରଧାନ ଶିକ୍ଷୟିତ୍ରୀ ତରୁଲତା ନାଏକ ସୂଚନା ଦେଇଛନ୍ତି। ଦୁଇଟିଯାକ କେନ୍ଦ୍ରରେ ଶାନ୍ତିଶୃଙ୍ଖଳାର ସହିତ ପରୀକ୍ଷା ସମ୍ପନ୍ନ ହୋଇଛି।

## ଛାତ୍ରୀ ଆତ୍ମସୁରକ୍ଷା ଶିବିର ଉଦ୍‌ଘାଟିତ

ବଡସାହି, ୨୦।୧ (ସମିସ): ବଡସାହି ବ୍ଲକ ପଞ୍ଚାୟତ ସମିତି ମହାବିଦ୍ୟାଳୟରେ ଏକ ଛାତ୍ରୀ ଆତ୍ମସୁରକ୍ଷା ଶିବିର ଉଦଘାଟିତ ହୋଇଯାଇଛି। ଏଥିରେ ଅଧକ୍ଷ ପ୍ରଦୀପ କୁମାର ପଣ୍ଡା ସଭାପତିତ୍ୱ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ପ୍ରାଧ୍ୟାପକ ଫକିର ଚରଣ ସାହୁ, କୃପାସିନ୍ଧୁ ମହାକୁଡ, ନିବେଦତା ବେହେରା, ଡ. ଜୀବନକୃଷ୍ଣ ପଣ୍ଡିତ, ଏବଂ ଅଧ୍ୟପକ ସଞ୍ଜୟ କୁମାର ଜେନା ପ୍ରମୁଖ ଉପସ୍ଥିତ ରହି ଛାତ୍ରୀମାନଙ୍କୁ ଏହି ଶିବିରର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସର୍ମ୍ପରେ ଅବଗତ କରିଥିଲେ। ମାଷ୍ଟର ଟ୍ରେନର ସୁଚିତ୍ରା ନାଥ ଓ ରଞ୍ଜିତା ସିଂ ସେମାନଙ୍କୁ ତାଲିମ ଦେଉଥିବା ବେଳେ ସଂଯୋଜିକା ଅଧ୍ୟାପିକା ରଶ୍ମିତା ଗିରିଙ୍କ ତତ୍ୱାବଧାନରେ ଛାତ୍ରୀମାନେ ପ୍ରଶିକ୍ଷଣ ନେଉଥିବା ଜଣାଯାଇଛି। ଏହି ଶିବିର ପରିଚାଳନାରେ ସମସ୍ତ ଅଧ୍ୟାପକ ଅଧ୍ୟାପିକା ଓ କର୍ମଚାରୀମାନେ ସହଯୋଗ କରିଥିଲେ।

## ଧର୍ମପରାୟଣାଙ୍କ ପରଲୋକ

ବଡସାହି, ୨୦।୧ (ସମିସ): ବଡସାହି ବ୍ଲକ ଅଧୀନ ପଟିସାରୀ ପଞ୍ଚାୟତ ପଟିସାରୀ ଗ୍ରାମର ଶନିବାର ସ୍ୱାଧୀନତା ସଂଗ୍ରାମୀ ବାଞ୍ଛାନିଧି ଦଳେଇଙ୍କ ସାବିତ୍ରୀ ଦଳେଇ (୯୮) ଙ୍କ ପରଲୋକ ହୋଇଯାଇଛି।



ସେ କିଛିଦିନ ବାର୍ଦ୍ଧକ୍ୟତା ହେତୁ ଅସୁସ୍ଥ ଥିଲେ। ତେବେ ଚିକିତ୍ସାଧିନ ଅବସ୍ଥାରେ ଶନିବାର ତାଙ୍କର ମୃତ୍ୟୁ ଘଟିଛି। ସେ ଜଣେ ମେଳାପି, ପରୋପକାରୀ ଓ ଧର୍ମପରାୟଣ ମହିଳା ଥିଲେ। ଗ୍ରାମ ତଥା ଆଖପାଖ ଅଞ୍ଚଳରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ବୁଦ୍ଧିଜୀବୀ ଜନସାଧାରଣ ଓ ରାଜନେତା ତାଙ୍କର ଶେଷ ଦର୍ଶନ କରିବା ସହିତ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜ୍ଞାପନ କରିଥିଲେ। ମୃତ୍ୟୁଶଯ୍ୟା ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ।

## ଛାତ୍ରୀ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ

କୁଆମରା, ୨୦।୧ (ସମିସ): ଗୋପବନ୍ଧୁ ନଗର ବ୍ଲକ ପୁରୁଣା ବାରିପଦା ଆଞ୍ଚଳିକ ଉଚ୍ଚ ମାଧମିକ ଓ ସାଇଁକୁଳା ପଞ୍ଚପଲ୍ଲୀ ଉଚ୍ଚ ମାଧମିକ ବିଦ୍ୟାଳୟରେ ବାଳିକା ଆତ୍ମରକ୍ଷା ତାଲିମ ଶିବିର ଉଦଘାଟିତ ହୋଇଯାଇଛି। ପୁରୁଣା ବାରିପଦା ଆଞ୍ଚଳିକ ଉଚ୍ଚ ମାଧମିକ ବିଦ୍ୟାଳୟରେ ପ୍ରଶିକ୍ଷଣ ଶିବିରକୁ ଇଂରାଜୀ ବିଭାଗ ଅଧ୍ୟାପକ ଲିଙ୍ଗରାଜ ନାୟକ ଉଦଘାଟନ କରିଥିଲେ। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ଅଧ୍ୟାପକ ପ୍ରଭାସ ଚନ୍ଦ୍ର ପ୍ରାମାଣିକ ଓ ଅଧ୍ୟାପିକା ଇନ୍ଦିରା ପାଲ ଯୋଗ ଦେଇଥିଲେ। ଖେଳ ଶିକ୍ଷକ ଆଶିଷ କୁମାର ବେହେରାଙ୍କ ତତ୍ତ୍ୱାବଧାନରେ ୧୩୬ ଜଣ ଛାତ୍ରୀ ତାଲିମ ନେଉଛନ୍ତି। ସେହିପରି ପଞ୍ଚପଲ୍ଲୀ ଉଚ୍ଚ ମାଧମିକ ବିଦ୍ୟାଳୟରେ କାର୍ଯ୍ୟକ୍ରମ କୁ ଅଧକ୍ଷ ଗୁଣାକର ଦାସ ଉଦଘାଟନ କରିଥିଲେ। ଓଡିଆ ବିଭାଗ ଅଧ୍ୟାପିକା ଉର୍ମିଳା ନାୟକଙ୍କ ତତ୍ତ୍ୱାବଧାନରେ ମୋଟ ୪୯ ଜଣ ଛାତ୍ରୀଙ୍କ ଶୁଭଦ୍ରା ମହାରଣା ତାଲିମ ଦେଉଛନ୍ତି। ଅଧ୍ୟାପକ ସୁଧିର କୁମାର ରୂପ, ଜୟନ୍ତ କୁମାର ପ୍ରଧାନ, ଜୟନ୍ତ କୁମାର ପତି, ମୁକ୍ତିପ୍ରିୟ ମିଶ୍ର ପ୍ରମୁଖ ପରିଚାଳନା ରେ ସହଯୋଗ କରୁଛନ୍ତି।

## ବତାକଟାରେ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

ବେତନଟୀ, ୨୦।୧ (ସମିସ): ହାତୀକୋଟ ପଞ୍ଚାୟତ ଅଧୀନ ବତାକଟା ଗ୍ରାମର ପଣ୍ଡିତ ରଘୁନାଥ ମୁର୍ମୁ ଯୁବକସଂଘ ଆନୁକୂଲ୍ୟରେ ୯ମ ବାର୍ଷିକ ଫୁଟବଲ ଟୁର୍ଣ୍ଣାମେଣ୍ଟ ଶୁକ୍ରବାର ଉଦଯାପିତ ହୋଇଯାଇଛି। ଦୁଇଦିନିଆ ଫୁଟବଲ ଟୁର୍ଣ୍ଣାମେଣ୍ଟରେ ମୟୂରଭଞ୍ଜ ଜିଲ୍ଲାର ବିଭିନ୍ନ ସ୍ଥାନରୁ ୧୬ଗୋଟି ଫୁଟବଲ ଟିମ ଅଂଶଗ୍ରହଣ କରିଥିଲେ। ଫାଇନାଲରେ ନୂଆଗାଁ ଫୁଟବଲ କ୍ଲବ ଚାମ୍ପିଅନ, ମୁର୍ମୁ ଫୁଟବଲ କ୍ଲବ ରନର୍ସ ଅପ ହୋଇଥିବା ବେଳେ ଜେଜେଏମ ଫୁଟବଲ କ୍ଲବ ଏବଂ ବାଜାରଗଡ଼ା ଫୁଟବଲ କ୍ଲବ ଯଥାକ୍ରମେ ୩ୟ ଏବଂ ୪ର୍ଥ ସ୍ଥାନରେ ରହିଥିଲେ। ଚାମ୍ପିଅନ ଟିମକୁ ହାତୀକୋଟ ପଞ୍ଚାୟତର ସମିତିସଭ୍ୟ ପୁରୁଷତ୍ତୋମ ସିଂ ୨୦ହଜାର ଟଙ୍କାର ପୁରସ୍କାର ରାଶି ପ୍ରଦାନ କରିଥିବା ବେଳେ ରନର୍ସଅପ ଟିମକୁ ସମାଜସେବୀ ବାଗଦା ମାର୍ଣ୍ଡି (ଟେମ୍ପାଭାଇ) ୧୫ ହଜାର ପ୍ରଦାନ କରିଥିଲେ। ସେହପରି ୩ୟ ଏବଂ ୪ର୍ଥ ଦଳକୁ ୫ହଜାର ଟଙ୍କା ଲେଖାଏଁ ସାନ୍ତ୍ୱନାମୂଳକ ରାଶି ପ୍ରଦାନ କରାଯାଇଥିଲା। ଆୟୋଜକ ଯୁବକସଂଘର ସଭାପତି ବୀରସିଂ ମୁର୍ମୁଙ୍କ ଅଧକ୍ଷତାରେ ଆୟୋଜିତ ଟୁର୍ଣ୍ଣାମେଣ୍ଟରେ ସମ୍ପାଦକ ରାଜେନ୍ଦ୍ର ସୋରେନ, କାଳିଆ ବାସ୍କେ, ଛୁଲୁ, ଗଙ୍ଗାଧର, ବାସୁଦେବ, ଯୋଗେନ୍ଦ୍ର, ବୁଦ୍ଧୁରାମ, ମୋହନ ପ୍ରମୁଖ ପରିଚାଳନା କରିଥିଲେ।

### ଭୀମକୁଣ୍ଡ ସ୍ୱାତୀଘାଟରେ ପ୍ରସିଦ୍ଧ ଦାମୋଦର ମେଳା

# ୫୦ ହଜାରରୁ ଊର୍ଦ୍ଧ୍ୱ ଜନସମାଗମ

ଠାକୁରମୁଣ୍ଡା, ୨୦।୧ (ସମିସ):



ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ବ୍ଲକ ଭୀମକୁଣ୍ଡ ନିକଟରେ ଥିବା ବୈତରଣୀ ନଦୀର ସଙ୍ଗମସ୍ଥଳର ସ୍ୱାତୀଘାଟରେ ଶନିବାର ସାନ୍ତାଳ ସମ୍ପ୍ରଦାୟର ଲୋକେ ପୂର୍ବପୁରୁଷଙ୍କ (ଦାମୋଦର ମେଳା) ଅସ୍ଥି ବିସର୍ଜନ କରିଥିଲେ। ଏହି ମେଳାରେ ଚଳିତ ବର୍ଷ ସାନ୍ତାଳ ସମ୍ପ୍ରଦାୟର ଲୋକେ ୧୨୩୬ଟି ଅସ୍ଥି ବିସର୍ଜନ ହୋଇଥିବା ଜଣାପଡ଼ିଛି। ଏହି ମେଳା ଅବସରରେ ମୟୂରଭଞ୍ଜ ସମେତ କେନ୍ଦୁଝର, ସୁନ୍ଦରଗଡ଼, ବାଲେଶ୍ୱର, ଭଦ୍ରକ, ପଡୋଶୀ ରାଜ୍ୟ ଝାଡ଼ଖଣ୍ଡ ଓ ବେଙ୍ଗାଲୁରୁର ଆସି ଭୀମକୁଣ୍ଡ ସ୍ୱାତୀଘାଟରେ ଅସ୍ଥି ବିସର୍ଜନ କରିଥିଲେ। ମେଳାରେ ପ୍ରାୟ ୫୦ ହଜାରରୁ ଅଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ପ୍ରକାଶ ଯେ, ସାନ୍ତାଳ ସମ୍ପ୍ରଦାୟର ପ୍ରଥା ଅନୁଯାୟୀ ମକର ସଂକ୍ରାନ୍ତି ପରେ ପାରମ୍ପରିକ ଅସ୍ଥି ବିସର୍ଜନ ସହ ପିଣ୍ଡଦାନ ଓ ଶ୍ରାଦ୍ଧକର୍ମକୁ ଦାମୋଦର ଯାତ୍ରା କହିଥାନ୍ତି। ପରିବାରରେ ମୃତ ବ୍ୟକ୍ତିଙ୍କ ସଂସ୍କାର ପରେ ତାଙ୍କର ଅସ୍ଥିକୁ ଏକ ଗଛ ମୂଳରେ ମାଟି ତଳେ ପୋତି ରଖିଥାନ୍ତି। ଅସ୍ଥି ବିସର୍ଜନର ପୂର୍ବ ଦିନରୁ ପୋତି ରଖିଥିବା ଅସ୍ଥିକୁ ପରିବାର ସଦସ୍ୟମାନେ ବାହାର କରାଯାଇ ଏକ ହଳଦୀ ବୋଳା କଳାକନାରେ ଗୁଡାଇ ପରିବାରର ଜଣେ ସଦସ୍ୟଙ୍କ ବେକ କିମ୍ବା ଅଣ୍ଟାରେ ବାନ୍ଧି ବିସର୍ଜନ କରିବାକୁ ଆସିଥାନ୍ତି। ଆସିବା ବେଳେ ପାରମ୍ପରିକ ବାଦ୍ୟ ଓ ନୃତ୍ୟ କରି ଅସ୍ଥି ବିସର୍ଜନ ଦେଇଥାନ୍ତି। ପରେ ସେଠାରେ ଥିବା ମାରାଂ ବୁରୁ ମନ୍ଦିରକୁ ଯାଇ ପୂଜା କରିଥାନ୍ତି। ଏହି ମେଳାରେ ମହିଳା ଶିଶୁ ବିକାଶ ଓ ମିଶନ ଶକ୍ତି ମନ୍ତ୍ରୀ ବସନ୍ତୀ ହେମ୍ବ୍ରମ ଯୋଗ ଦେଇଥିଲେ। କମିଟିର ସଭାପତି ଦାଶରଥୀ ସୋରେନ, ସମ୍ପାଦକ ଭାଗିରଥି ଟୁଡୁ, ସହ ସମ୍ପାଦକ ବସନ୍ତ ସୋରେନ, କୋଷାଧକ୍ଷ ଅବିନାଶ ଟୁଡୁ, ସଞ୍ଜୟ କୁମାର ମାଝୀ, ଭୀମସେନ ଟୁଡୁ, ବଜ୍ରକିଶୋର ଟୁଡୁ, ବିଜୟ ଟୁଡୁ, ଲାଲମୋହନ ମାଝୀ ଓ ଅନ୍ୟ ସଦସ୍ୟମାନେ ଉପସ୍ଥିତ ରହି ଅସ୍ଥି ବିସର୍ଜନ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଲୋକଙ୍କ ଗହଳିକୁ ଦେଖି ପୁଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା।

## ଦେଉଳିଆରେ କିଶୋରୀ ମେଳା

ବଡସାହି, ୨୦।୧ (ସମିସ): ବଡସାହି ବ୍ଲକ ଦେଉଳିଆ ପଞ୍ଚାୟତ ଚନ୍ଦନ ପଡ଼ିଆ ନିକଟରେ ଦେଉଳିଆ, ଛେଳିଆ ଓ ସୁହାଗପୁର ପଞ୍ଚାୟତର କିଶୋରୀମାନଙ୍କୁ ନେଇ ଏକ କିଶୋରୀ ମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ସୁପରଭାଇଜର ସୁପ୍ରଭା ନାୟକ ସଭାପତିତ୍ୱ କରିଥିଲେ। ବ୍ଲକ ଉପାଧକ୍ଷ କାଞ୍ଚନ କୁମାର ପ୍ରଧାନ, ଦେଉଳିଆ ସମିତି ସଭ୍ୟ ନିହାର ରଞ୍ଜନ ମହାପାତ୍ର, ସରପଞ୍ଚ ତୁଳସୀ ସିଂ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ବାଲ୍ୟ ବିବାହ ଉପରେ ଅନୁଷ୍ଠିତ ବକ୍ତୃତା ପ୍ରତିଯୋଗିତାରେ ପ୍ରତି ପଞ୍ଚାୟତରୁ ୩ ଜଣ ଲେଖାଏଁ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

## ଜଗନ୍ନାଥ ସଂସ୍କୃତିକୁ ନେଇ ଆଲୋଚନାଚକ୍ର

ଖୁଣ୍ଟା, ୨୦।୧ (ସମିସ): ଖୁଣ୍ଟା ଡ଼ିଗ୍ରୀ ମହାବିଦ୍ୟାଳୟ ପକ୍ଷରୁ ବିଶ୍ୱ ଭାଷା ସମ୍ମିଳନୀ ଓ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଉଦ୍‌ଘାଟନ ଅବସରରେ ଓଡ଼ିଆ ସଂସ୍କୃତିରେ ଜଗନ୍ନାଥ ଚେତନା ଶିର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଓଡ଼ିଆ ବିଭାଗର ମୁଖ୍ୟ ଅଧ୍ୟାପିକା ହିରଣ୍ମୟୀ ଶତପଥୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥିଭାବେ ସଞ୍ଜୁଲତା ମହାନ୍ତି, ସ୍ୱତନ୍ତ୍ର ଅତିଥି ଭାବେ ମହାବିଦ୍ୟାଳୟ ପରିଚାଳନା କମିଟି ସଭାପତି ଡ଼ ଅଶ୍ୱିନୀ ସାହୁ, ମୁଖ୍ୟବକ୍ତା ଭାବେ ଡ଼ ନିର୍ମଳ ଚନ୍ଦ୍ର ସାହୁ, ଅନ୍ୟତମ ସ୍ୱତନ୍ତ୍ର ଅତିଥି ରୂପେ ମହାବିଦ୍ୟାଳୟର ଅଧକ୍ଷ ସରୋଜ ରଞ୍ଜନ ତ୍ରିପାଠୀ, ଅଧାପକ ରଞ୍ଜନ କୁମାର ମହାପାତ୍ର ଓ ମାନସୀରାଣୀ ବାରିକ ପ୍ରମୁଖ ଯୋଗଦେଇ ଜଗନ୍ନାଥ ସଂସ୍କୃତି ଉପରେ ଆଲୋକପାତ କରିଥିଲେ। ଅଧାପିକା ଡ଼. ମଧୁସ୍ମିତା ପାଇକ ଧନ୍ୟବାଦ ଅର୍ପଣ କରିଥିଲେ।

## ଓଡ଼ିଆ ଭାଷା ଓ ସାହିତ୍ୟ ପ୍ରତିଯୋଗିତା

ବିଜାତଳା, ୨୦।୧ (ସମିସ): ଲୁହାଶିଳା ସ୍ଥିତ ଆର.କେ. ଜୁନିୟର କଲେଜରେ 'ନୂଆ ଓଡ଼ିଶା' କାର୍ଯ୍ୟକ୍ରମ ଅନ୍ତର୍ଗତ ଓଡ଼ିଆ ଭାଷା ଓ ସାହିତ୍ୟ ପ୍ରତିଯୋଗିତା ଉଦଘାଟିତ ହୋଇଯାଇଛି। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କଲେଜ ଅଧକ୍ଷ କବି ସଂଗ୍ରାମ ଶତପଥୀ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ଅଧ୍ୟାପକ ଅଜୟ କୁମାର ଗିରି, ଶଶିକାନ୍ତ ନନ୍ଦ, ଅନୀଲ କୁମାର ଗିରି, ରୂପ ନାରାୟଣ ମାଝୀ ପ୍ରମୁଖ ଓଡ଼ିଆ ଭାଷାର ଶୁଦ୍ଧତା ଉପରେ ଗୁରୁତ୍ୱ ଦେବା ସହ ଏହାର ଅଧିକରୁ ଅଧିକ ବ୍ୟବହାର ଆବଶ୍ୟକ ବୋଲି ଅଭିଭାଷଣ ମାଧ୍ୟମରେ ମତପ୍ରକାଶ କରିଥିଲେ। ଅଧ୍ୟାପକ ରମାକାନ୍ତ ପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେଲେ।



## ୨୨ରେ ଅନୁକୂଳଚନ୍ଦ୍ରଙ୍କ ଜନ୍ମ ମହୋତ୍ସବ

କରଞ୍ଜିଆ, ୨୦।୧(ସମିସ): କରଞ୍ଜିଆ ସତସଙ୍ଗ ବିହାରରେ ପରମପ୍ରେମମୟ ଶ୍ରୀ ଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ୧୩୬ତମ ଜନ୍ମ ମହୋତ୍ସବ ଆସନ୍ତା ୨୨ ତାରିଖ ସୋମବାର ଅନୁଷ୍ଠିତ ହେବ। ଏହିଦିନ ଉଷା କୀର୍ତ୍ତନ ସହିତ ସଦଗ୍ରନ୍ଥ ପାଠ, ନଗର କୀର୍ତ୍ତନ, ସ୍ୱାସ୍ଥ୍ୟସେବା ଶିବିର, ସତସଙ୍ଗ, ଶିଶୁସଭା, ମାତୃ ସମ୍ମିଳନୀ ଅନୁଷ୍ଠିତ ହେବ। ଶେଷରେ ଶ୍ରଦ୍ଧାଳୁଙ୍କ ନିମନ୍ତେ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଛି।

## ବନାଞ୍ଚଳରେ ଜଙ୍ଗଲ ନିଆଁ ନିବାରଣ ସଚେତନତା ସଭା



ବିଶୋଇ, ୨୦।୧ (ସମିସ) : ରାଇରଙ୍ଗପୁର ବନଖଣ୍ଡ ଅନ୍ତର୍ଗତ ବିଶୋଇ ବନ୍ୟପ୍ରାଣୀ ବନାଞ୍ଚଳରେ ଜଙ୍ଗଲ ନିଆଁ ନିବାରଣ ସଚେତନତା ଏକ ସଭା ଅନୁଷ୍ଠିତ ହୋଇଥିଲା। ରାଇରଙ୍ଗପୁର ବନଖଣ୍ଡ ଅଧିକାରୀ ଶିବପ୍ରସାସ ରଥଙ୍କ ନିର୍ଦ୍ଦେଶକ୍ରମେ ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ-୨ ମାଧ୍ୟମରେ ଏହି ବନାଞ୍ଚଳ ଅନ୍ତର୍ଗତ ଗାରଗାଡି ବନ ସୁରକ୍ଷା ସମିତି ଓ ସାରସପଡ଼ା ବନ ସୁରକ୍ଷା ସମିତିରେ ଅନୁଷ୍ଠିତ ହୋଇଯାଇଛି। ବିଶୋଇ ବନ୍ୟପ୍ରାଣୀ ବନାଞ୍ଚଳର ଅଧିକାରୀ କ୍ଷିରୋଦ ଚନ୍ଦ୍ର ସିଂଙ୍କ ସଭାପତିତ୍ୱରେ ଜଙ୍ଗଲ ନିଆଁର କାରଣ ଓ ଲୋକମାନଙ୍କ ଜୀବନ ଜୀବିକା ଉପରେ ପ୍ରଭାବକୁ ଲୋକମାନଙ୍କୁ ସଚେତନତା କରାଯାଇଥିଲା। ଜଙ୍ଗଲ ସନ୍ନିକଟ ଲୋକଙ୍କୁ ଜଙ୍ଗଲ ସୁରକ୍ଷାରେ ସହଯୋଗ କରିବା ସହିତ ପରବର୍ତ୍ତୀ ପିଢ଼ି ପାଇଁ ସୁସ୍ଥ ଜଙ୍ଗଲ ସୃଷ୍ଟି କରିବାକୁ ଆହ୍ୱାନ କରାଯାଇଥିଲା। ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପର ସଂଯୋଜକ ତାରାକାନ୍ତ ପଣ୍ଡା କାର୍ଯ୍ୟକ୍ରମ ସଞ୍ଚାଳନ କରିଥିବାବେଳେ ରତିରଞ୍ଜନ ମହାନ୍ତ ଜଙ୍ଗଲ ନିଆଁ ରକିବାରେ ମାତୃଶକ୍ତିଙ୍କର ଭୂମିକା ବିଷୟରେ ସ୍ୱୟଂ ସହାୟକ ଗୋଷ୍ଠିର ମହିଳାଙ୍କୁ ବିଭିନ୍ନ ଉଦାହରଣ ମାଧ୍ୟମରେ ବୁଝାଇଥିଲେ। ବନସୁରକ୍ଷା ସମିତିର ସଭାପତି ରବୀନ୍ଦ୍ର ନାଥ ମହାନ୍ତ ଓ କୋଷାଧକ୍ଷ ବୀରସିଂ ନାଏକ ଜଙ୍ଗଲ ସୁରକ୍ଷାକୁ ଆମେ ଜୀବନର ବ୍ରତ ଭାବେ ପାଳନ କରୁଛୁ ବୋଲି କହିଥିଲେ। ସାରସପଦା ବନ ସୁରକ୍ଷା ସମିତି କୋଷାଧକ୍ଷ ଲକ୍ଷ୍ମୀକାନ୍ତ ମହାନ୍ତ ସମେତ ବନ ସୁରକ୍ଷା ସମିତିର ସମସ୍ତ ସଦସ୍ୟ ଜଙ୍ଗଲରେ ନିଆଁ ନଲଗାଇବାକୁ ସଂକଳ୍ପ ନେଇଥିଲେ।

## ଛାତ୍ରୀ ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଘାଟିତ

କରଞ୍ଜିଆ, ୨୦।୧ (ସମିସ): କରଞ୍ଜିଆ ସହରସ୍ଥିତ ପାଞ୍ଚପୀଢ଼ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଛାତ୍ରୀ ଆତ୍ମସୁରକ୍ଷା ତାଲିମ ଶିବିର ଶନିବାର ଅନୁଷ୍ଠିତ ହୋଇଯାଇଛି। ପାଞ୍ଚପୀଢ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧକ୍ଷ ଉମେଶ କୁମାର ଅଗ୍ରୱାଲଙ୍କ ସଭାପତିତ୍ୱରେ ଏହି ଶିବିର ଉଦ୍‌ଘାଟିତ ହୋଇଥିଲା। ପ୍ରାଧ୍ୟାପକ ଦିଲ୍ଲୀପ କୁମାର ପୃଷ୍ଟି, ଇତିହାସ ବିଭାଗର ବରିଷ୍ଠ ଅଧ୍ୟାପିକା ମମତାରାଣୀ ସାହୁ, ଓଡିଆ ଅଧ୍ୟାପକ ମାନସ ରଞ୍ଜନ ବେହେରା, ରାଜନୀତି ବିଜ୍ଞାନ ଅଧ୍ୟାପିକା ରୀମା ସେଠୀ ଛାତ୍ରୀମାନଙ୍କୁ ଆତ୍ମସୁରକ୍ଷା ନିଜ ପାଇଁ କେତେ ଜରୁରୀ ସେ ନେଇ ବିଭିନ୍ନ ପରାମର୍ଶ ଦେଇଥିଲେ। ଏହି ତାଲିମ ଶିବିର ଆସନ୍ତା ୧ ତାରିଖରେ ଉଦ୍‌ଯାପିତ ହେବ। ପଦାର୍ଥ ବିଜ୍ଞାନ ଅଧ୍ୟାପିକା ଅର୍ଚ୍ଚନା ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଛାଞ୍ଚ ପ୍ରିମିୟର୍ ଲିଗ୍ ଉଦ୍‌ଯାପିତ



ବାରିପଦା, ୨୦।୧ (ସମିସ): ଛାଞ୍ଚ ପ୍ରିମିୟର୍ ଲିଗର ଅଷ୍ଟମ ସଂସ୍କରଣ ଉଦଯାପନୀ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପୂର୍ବତନ ଉପବାଚସ୍ପତି ସାନନ୍ଦ ମାର୍ଣ୍ଡି, ସମ୍ମାନିତ ଅତିଥି ଭାବେ ୨୫ ନମ୍ବର ୱାର୍ଡର କାଉନସିଲର ଦେବାଶିଷ ପାତ୍ର, ଅନ୍ୟତମ ଅତିଥି ଭାବେ ରାମେଶ୍ୱର ମାଝୀ ଯୋଗ ଦେଇଥିଲେ। କ୍ରୀଡା ଜରିଆରେ ଶରୀରକୁ ସୁସ୍ଥ ରଖିବା ପାଇଁ ଉପସ୍ଥିତ ସମସ୍ତଙ୍କୁ ଅତିଥିମାନେ ବକ୍ତବ୍ୟ ରଖିଥିଲେ। ଫାଇନାଲ ମ୍ୟାଚରେ ଛାଞ୍ଚ ୱାରିଓର ଦଳ କିଙ୍ଗ ରୟାଲ ଦଳକୁ ୩ ୱିକେଟରେ ପରାସ୍ତ କରିଥିଲା। ଅର୍ଶଦ୍ ଖାଁ ମ୍ୟାନ ଅଫ ଦି ମ୍ୟାଚ୍ ହୋଇଥିବା ବେଳେ ପିଣ୍ଟୁ ପାତ୍ର ଲିଗର ଶ୍ରେଷ୍ଠ ଖେଳାଳି ଭାବେ ବିବେଚିତ ହୋଇଛନ୍ତି। ଚାମ୍ପିଅନ ଦଳକୁ ୧୦ ହଜାର ଟଙ୍କା ସହ ଟ୍ରଫି ଓ ରନର୍ସ ଅଫ ଦଳକୁ ୭ ହଜାର ଟଙ୍କା ସହ ଟ୍ରଫି ଅତିଥିମାନେ ପ୍ରଦାନ କରିଥିଲେ।

## 'ସକାଳ' ଏଜେଣ୍ଟଙ୍କ ପତ୍ନୀ ବିୟୋଗ

ବାରିପଦା, ୨୦।୧ (ସମିସ): ବାରିପଦା ସହରର ଦୈନିକ 'ସକାଳ'ର ଏଜେଣ୍ଟ ପ୍ରବୋଧ ଦାସଙ୍କ ପତ୍ନୀ କବିତା (୫୫)ଙ୍କ ପରଲୋକ ଘଟିଛି। ଶନିବାର ସକାଳେ ବାରିପଦା ପିଆରଏମ ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ପରଲୋକ ହୋଇଯାଇଛି। ତାଙ୍କ ବିୟୋଗରେ ୨୧ନଂ. ୱାର୍ଡ ପୂର୍ଣ୍ଣଚନ୍ଦ୍ରପୁର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଖବର ପାଇ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ



କରିବା ସହିତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସେ ଜଣେ ମେଳାପୀ, ସରଳ ବିଶ୍ୱାସୀ, ପରୋପକାରୀ, ମିଷ୍ଟଭାଷୀ ଓ ଧର୍ମପରାୟଣା ମହିଳାଭାବେ ବେଶ ଜଣାଶୁଣା ଥିଲେ। ତାଙ୍କ ଶେଷ କୃତ୍ୟ ପୁରୀ ସ୍ୱର୍ଗଦ୍ୱାରରେ ସମ୍ପନ୍ନ ହୋଇଛି। ତାଙ୍କ ବିୟୋଗରେ 'ସକାଳ'ର ସିଇଓ ସୁବ୍ରତ ଦାସ ଓ ପ୍ରସାରଣ ବିଭାଗର ମୁଖ୍ୟ ବିଜୟ କୁମାର ଦାଶ ଶୋକ ସନ୍ତପ୍ତ ପରିବାର ପ୍ରତି ସମବେଦନା ଜଣାଇବା ସହିତ ଅସୀମ ଧୈର୍ଯ୍ୟ ପ୍ରଦାନ ପାଇଁ ଭଗବାନଙ୍କ ନିକଟରେ ପ୍ରାର୍ଥନା କରି ଦିବଂଗତ ଆତ୍ମାର ସଦ୍‌ଗତି କାମନା କରିଛନ୍ତି।

## ଭୋଳାନାଥ ସଂସ୍କୃତ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ




ପିଙ୍ଗୁ, ୨୦।୧ (ସମିସ): କପ୍ତିପଦା ବ୍ଲକ ପିଙ୍ଗୁ ନୁଦଡିହା ଭୋଳାନାଥ ସଂସ୍କୃତ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ ଅଧକ୍ଷ ଉତ୍ପଳ କୁମାର ଅଧିକାରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବିଧାୟକ ଭାସ୍କର ମଢ଼େଇ ଯୋଗାଦନ କରି ଆଦିବାସୀ ଅଧ୍ୟୁଷିତ ଅଞ୍ଚଳର ଏହି ସଂସ୍କୃତ ଉଚ୍ଚଶିକ୍ଷାନୁଷ୍ଠାନ ଅତ୍ୟନ୍ତ ଗର୍ବଗୌରବ ବିଷୟ ବୋଲି କହିବା ସହିତ ପ୍ରାଚୀନ ଗୁରୁଶିଷ୍ୟ ପରମ୍ପରାର ମହାନ ସମ୍ପର୍କ ସଂସ୍କୃତ ଭାଷା ହିଁ ରକ୍ଷା କରିପାରିବ ବୋଲି ଉଦବୋଧନ ଦେଇଥିଲେ। ବିଶିଷ୍ଟ ଅତିଥି ଭାବେ ପିଏଆଇଟିଡ଼ିଏ ନରେନ୍ଦ୍ର ଖମାରୀ ଯୋଗାଦନ କରି ଆଦର୍ଶମାନବବାଦ ଗଠନ ନିମନ୍ତେ ସଂସ୍କୃତଶିକ୍ଷା ପ୍ରାଚୀନକାଳରୁ ଆଜିଯାଏ ଗୁରୁତ୍ୱପୂର୍ଣ୍ଣ ଭୂମିକା ଲିଭାଇଆସୁଛି ବୋଲି ଅଭିଭାଷଣ ରଖିଥିଲେ। ମୁଖ୍ୟ ବକ୍ତା ଭାବରେ ମେଘାସନ ମହାବିଦ୍ୟାଳୟର ଅଧକ୍ଷ ପ୍ରଫେସର ପ୍ରମୋଦ କୁମାର ରାଉତ ସତ୍ୟ, ନିଷ୍ଠା, କର୍ତ୍ତବ୍ୟ ଓ ସାଧନାକୁ ଶ୍ରଦ୍ଧାର ସହିତ ସମ୍ପାଦନା କଲେ ଜୀବନ ମଧୁମୟ ହୋଇପାରିବ ବୋଲି କହିଥିଲେ। ପରିଚାଳନା କମିଟିର ସଭାପତି ଡ଼. ରବିଶଙ୍କର ମହାପାତ୍ର ସମ୍ମାନିତ ଅତିଥି ଏବଂ ଅନ୍ୟତମ ଅତିଥି ଭାବରେ ପ୍ରାଧ୍ୟାପକ ସୁଦାମ ଚରଣ ଜେନା ଯୋଗଦେଇଥିଲେ। ଅଧ୍ୟାପକ ଜ୍ଞାନରଞ୍ଜନ ନାୟକ ଅତିଥି ପରିଚୟ ଓ ଅଧ୍ୟାପକ ଷଡ଼ାନନ ମିଶ୍ର ବେଦପାଠ କରିଥିଲେ। ଅଧ୍ୟାପକ ପ୍ରବୀର କୁମାର ଦାସ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

### ମକର ପାଇଁ ଉତ୍ସବମୁଖର କୁମ୍ଭିରାହୁଡ଼ି

## ପାହାଡ଼ ଚଢ଼ାର ମଜା ନେଲେ ଶ୍ରଦ୍ଧାଳୁ

ଉଦଳା/କୁଆମରା, ୨୦।୧ (ସମିସ):



ମୟୂରଭଞ୍ଜର ଗଣପର୍ବ ହେଉଛି ମକର। ଏହି କ୍ରମରେ ମକରମେଳାକୁ ନେଇ କୁମ୍ଭିରାହୁଡ଼ି ଉତ୍ସବମୁଖର ହୋଇଛି। ପାହାଡ ଉପରେ ରହିଛି ଏକ କୁମ୍ଭୀର ଆକୃତିର ଏକ ପଥର। ତେଣୁ ସେହି ପଥରକୁ ନେଇ ହୁଡିର ନାମକରଣ ହୋଇଛି। ମକରମେଳାରେ ଏହି ପଥର ଦେଖିବା ନିମନ୍ତେ ଲାଗିରହିଛି ଖଚାଖଚ ଭିଡ଼।

ଗୋପବନ୍ଧୁନଗର ବ୍ଲକ କୁଶଳଦା ଗ୍ରାମର ନିକଟ କୁମ୍ଭୀରାହୁଡି ନାମ ସମ୍ପର୍କରେ ଲୋକକଥା ରହିଛି। ଏକ କୁମ୍ଭୀର ବହୁ ବର୍ଷ ପୂର୍ବରୁ ନିକଟସ୍ଥ ଗ୍ରାମରେ ଆତଙ୍କ ଖେଳାଇଥିଲା। କୁମ୍ଭୀରଟି ବିଭିନ୍ନ ଅଞ୍ଚଳରେ ଆତଙ୍କ ଖେଳାଇଥିବା ବେଳେ ଏହି ପାହାଡରେ ତାକୁ ପାଷାଣ କରି ଦିଆଯାଇଥିଲା। ସେବେଠାରୁ ଏହି ପାହାଡକୁ କୁମ୍ଭିରାହୁଡି ବୋଲି କୁହାଯାଏ। ଏହି ହୁଡିରେ ମକର ସଂକ୍ରାନ୍ତି ପରଠାରୁ ୯ ଦିନ ଧରି ମେଳା ଚାଲେ। ଏହି ମେଳା ବୁଲିବା ପାଇଁ ବିଭିନ୍ନ ଅଞ୍ଚଳରୁ ଲୋକେ ଏଠାକୁ ଆସିଥାନ୍ତି। ତେବେ ମକର ମେଳାରେ ଦୋକାନ ବଜାର ଲାଗିଥିବା ବେଳେ ଲୋକେ କିନ୍ତୁ ପାହାଡ ଚଢିବା ମଜା ଉଠାଇଥାନ୍ତି। ପାହାଡ ଚଢିବାକୁ ନିର୍ଦ୍ଦିଷ୍ଟ ରାସ୍ତା ନ ଥିବାରୁ ଲୋକେ ବିପଦସଙ୍କୁଳ ଅବସ୍ଥାରେ ପାହାଡ ଚଢନ୍ତି। କିଏ ପରିବାର ସହିତ ତ ପୁଣି କିଏ ସାଙ୍ଗସାଥୀଙ୍କ ସହିତ ଏହି ପାହାଡ ଚଢି ଉପରେ ପହଞ୍ଚିଥାନ୍ତି। କୁମ୍ଭୀର ଆକୃତିର ପଥରକୁ ଦେଖିବା ସହିତ ଏହି ପାହାଡ ଉପରେ ରହିଛି ଏକ କଂସାଳ ପଥର; ଯାହାକୁ ବାଡେଇଲେ କଂସା ଭଳି ଶବ୍ଦ ବାହାରିଥାଏ। ଏଥିସହିତ ପାହାଡ ଉପରେ ରହିଛି ଏକ ମନ୍ଦିର। ମନ୍ଦିର ସାମ୍ନାରେ ଥିବା ଏକ ପଥରରେ ଲେଖା ହୋଇଛି ଏହି ପାହାଡର କିଛି ଗାଥା ତାହା ପୁଣି ସଂଖ୍ୟାରେ। ଲୋକେ ପାହାଡ ଚଢି ସେଲ୍‌ଫି ଉଠାଉଛନ୍ତି। ମକର ସଂକ୍ରାନ୍ତି ପରଠାରୁ ଆରମ୍ଭ ହୋଇଥିବା ଏହି ମେଳାରେ ଶାନ୍ତିଶୃଙ୍ଖଳା ରକ୍ଷା ନିମନ୍ତେ କମିଟିର ସଦସ୍ୟମାନେ ସଜାଗ ରହିବା ସହିତ ପୁଲିସ୍ ପ୍ରଶାସନ ମଧ ବେଶ ତତ୍ପର। ପାହାଡକୁ ନେଇ ପୌରାଣିକ କିମ୍ବଦନ୍ତୀ ରହିଥିବାରୁ ରାସ୍ତା ତିଆରି କରିବାକୁ ଦାବି କରିଛନ୍ତି କମିଟି ସଦସ୍ୟ। ଏହି ପାହାଡ ଚଢିବାକୁ ବାଲେଶ୍ୱର, କେଉଁଝର, ଭଦ୍ରକ ଆଦି ଜିଲ୍ଲାରୁ ପର୍ଯ୍ୟଟକ ଆସିଥାନ୍ତି। ତେଣୁ ସ୍ଥାନର ଉନ୍ନତିକରଣ ହୋଇପାରିଲେ ଆଗାମୀ ଦିନରେ ମେଳାର ରୂପରେଖ ପରିବର୍ତ୍ତନ ହୋଇପାରନ୍ତା ବୋଲି ବୁଦ୍ଧିଜୀବୀ ମତପ୍ରକାଶ କରିଛନ୍ତି।

# ଝୁଲନ୍ତା ପୋଲକୁ ଆଦରୁନାହାନ୍ତି ମାଙ୍କଡ଼

କେନ୍ଦୁଝର,୨୦।୧(ସମିସ)

- ଗାଡ଼ି ଚଳାଚଳ ଓ ଗହଳି ଯୋଗୁଁ ଡରୁଛନ୍ତି
- ଅଚଳ ପଡ଼ିଛି ୩ରୁ ୨ କାନୋପି ବ୍ରିଜ୍
- ଦୁର୍ଘଟଣାରେ ଯାଉଛି ମାଙ୍କଡ଼ଙ୍କ ଜୀବନ



ଜାତୀୟ ରାଜପଥ-୪୯କୁ ଗୋଟିଏ ପଟୁ ଅନ୍ୟ ଜଙ୍ଗଲକୁ ରାଜପଥ ପାରି ହେବା ବେଳେ ସେମାନଙ୍କୁ ସୁରକ୍ଷା ଦେବା ଉଦ୍ଦେଶ୍ୟରେ ତିଆରି ୩ଟି ଝୁଲାପାଲ ବା କାନୋପି ବ୍ରିଜ ମଧ୍ୟରୁ ୨ଟି କିଛି କାମରେ ଆସୁନାହିଁ।

ଫଳରେ ଦୁର୍ଘଟଣାରୁ ମାଙ୍କଡ଼ଙ୍କୁ ମୁକୁଳାଇବା ବନବିଭାଗ ପାଇଁ ଚିନ୍ତାର କାରଣ ହୋଇଛି। ସବୁଠାରୁ ବଡ଼କଥା ଏହା ଯେ କାଇପୁର ନିକଟରେ ନିର୍ମିତ ଝୁଲାପୋଲରେ ମାଙ୍କଡ଼ମାନେ ବିନା ଭୟରେ ଯା'ଆସ କରୁଥିବା ବେଳେ ସାନଘାଗରା ନିକଟରେ ତିଆରି ଝୁଲାପୋଲ ଦୁଇଟିରେ ମାଙ୍କଡ ନ ଯିବା ବ୍ୟାପକ ଗାଡ଼ିମଟର ଚଳାଚଳ ଏବଂ ପର୍ଯ୍ୟଟନ ସ୍ଥଳର କୋଳାହଳ ମୁଖ୍ୟ କାରଣ ବୋଲି ଡିଏଫ୍‌ଓ ଧନରାଜ ଏଚ୍‌ଡି କହିଛନ୍ତି।

କେନ୍ଦୁଝର ଜିଲ୍ଲା ଏକ ବଣ ପାହାଡ ଘେରା ଜିଲ୍ଲା। ଏଠାକାର ଜଙ୍ଗଲ ଗୁଡିକରେ ବିଭିନ୍ନ ପ୍ରକାରର ବନ୍ୟପ୍ରାଣୀ ରହୁଛନ୍ତି। ସେମାନେ ଚଳପ୍ରଚଳ ବେଳେ ଜାତୀୟ ରାଜପଥ ଏବଂ ଅନ୍ୟାନ୍ୟ ରାସ୍ତା ଅତିକ୍ରମ କରିଥାନ୍ତି। ଜିଲ୍ଲା ଦେଇ ଯାଇଥିବା ଦୁଇଟି ପ୍ରମୁଖ ଜାତୀୟ ରାଜପଥ ବିଭିନ୍ନ ଜଙ୍ଗଲ ରାସ୍ତାରେ ଯାଇଛି। କେତେକ ସ୍ଥାନରେ ମାଙ୍କଡମାନେ ଜନବସତି ଅଞ୍ଚଳକୁ କିମ୍ବା ଅନ୍ୟାନ୍ୟ ଅଞ୍ଚଳକୁ ଖାଦ୍ୟ ଅନ୍ୱେଷଣରେ ଯିବା ପାଇଁ ରାଜପଥ ଅତିକ୍ରମ କରିଥାନ୍ତି। ରାଜପଥ ଅତିକ୍ରମ ବେଳେ ଦୁର୍ଘଟଣାରେ ସେମାନଙ୍କର ଜୀବନ ଯାଉଥିବାରୁ ମାକଙ୍ଗମାନଙ୍କୁ ଦୁର୍ଘଟଣାରୁ ସୁରକ୍ଷା ଦେବା ନିମନ୍ତେ ବନବିଭାଗ ଏକ ଭଲ ପଦକ୍ଷେପ ନେଇଥିଲା। ଜାତୀୟ ରାଜପଥ ୪୯ର ଜୁଡ଼ିଆ ଘାଟି, ସାନଘାଗର ଏବଂ କାଇପୁର ନିକଟରେ ବନ ବିଭାଗ ପକ୍ଷରୁ ମାଙ୍କଡ଼ ରାଜପଥ ଅତିକ୍ରମ ପାଇଁ ୩ଟି ଝୁଲନ୍ତା ପୋଲ (କାନୋପି ବ୍ରିଜ୍) ନିର୍ମାଣ ହୋଇଛି। ଝୁଲାପୋଲ ଦ୍ୱାରା ମାଙ୍କଡ଼ମାନେ ଗୋଟିଏ ପାଖ ଜଙ୍ଗଲରୁ ଆଉ ଗୋଟିଏ ପାଖ ଜଙ୍ଗଲର ଅନ୍ୟପାଖ ଜଙ୍ଗଲକୁ ଜାତୀୟ ରାଜପଥ ଅତିକ୍ରମ କରି ପାରିବେ ବୋଲି ଅନୁମାନ କରାଯାଉଥିଲା। କାନୋପି ବ୍ରିଜ ହୋଇଥିବା ୩ଟି ସ୍ଥାନରେ ଶହଶହ ମାଙ୍କଡ଼ ଦେଖାଯାଉଛନ୍ତି। ବିଶେଷ କରି ଜୁଡିଆ ଘାଟି ନିକଟରେ ସାନଘାଗରା ଜଳପ୍ରପାତ ଥିବାରୁ ଏଠାକୁ ପ୍ରତ୍ୟେହ ଶତାଧିକ ପର୍ଯ୍ୟଟକ ଆସିଥାନ୍ତି। ସେମାନେ ବିଭିନ୍ନ ଖାଦ୍ୟ ପଦାର୍ଥ ଫିଙ୍ଗୁଥିବାରୁ ଏହାକୁ ଖାଇବା ପାଇଁ ମାଙ୍କଡମାନେ ରାସ୍ତାକଡ଼କୁ ଚାଲି ଆସିଥାନ୍ତି। ଜାତୀୟ ରାଜପଥ ୪୯ରେ ଦୈନିକ ହଜାରହଜାର ଭାରୀଯାନ ଯାତାୟାତ କରୁଛି। ମାଙ୍କଡମାନେ ଗୋଟିଏ ପାର୍ଶ୍ୱରୁ ଆଉ ଗୋଟିଏ ପାର୍ଶ୍ୱକୁ ଖାଦ୍ୟ ଲୋଭରେ ଗଲା ସମୟରେ ଦୁର୍ଘଟଣାର ଶୀକାର ହୋଇଥାନ୍ତି। ବିଗତ ବର୍ଷ ମାନଙ୍କରେ ରାସ୍ତା ପାରିହେବା ସମୟରେ ୫୦ରୁ ଅଧିକା ମାଙ୍କଡଙ୍କ ଜୀବନ ଯାଇଛି। କ୍ୟାନୋପି ବ୍ରିଜ ଦ୍ୱାରା ମାଙ୍କଡଙ୍କୁ ଦୁର୍ଘଟଣାରୁ ରୋକାଯାଇ ପାରିବ ବୋଲି ଆଶାପ୍ରକାଶ କରାଯାଇଥିଲା। ସିଦ୍ଧମଠ ଜଙ୍ଗଲରୁ ସାନଘାଗରା ଜଙ୍ଗଲ ଆଡକୁ ମାଙ୍କଡଙ୍କ ଯାତାୟାତ ପାଇଁ ଦୁଇଟି ଝୁଲନ୍ତା ଚଲାପଥ ବେଶ ସହାୟକ ହେବ ବୋଲି ଅନୁମାନ କରାଯାଉଥିଲା। ମାତ୍ର ସେଗୁଡିକରେ ମାଙ୍କଡ଼ମାନେ ଯା'ଆସ କରିବା ବିଶେଷ ଦୃଷ୍ଟିମାନ ହେଉନାହିଁ। କିମ୍ବା ମାଙ୍କଡ଼ମାନେ ଏଭଳି ପୋଲରେ ଚଲାଚଲି କରିବାକୁ ଭୟ କରୁଛନ୍ତି ତାହା ଜଣାପଡୁନାହିଁ। ଫଳରେ ଏହି ଦୁଇଟି କାନୋପି ବ୍ରିଜ ବିଶେଷ ଫଳପ୍ରଦ ହେଲାନାହିଁ। ତେଣୁ ମାଙ୍କଡମାନେ ଝୁଲାପୋଲ ଉପରେ ନଯାଇ ତଳେ ରାସ୍ତାପାରି ବେଳେ ଦୁର୍ଘଟଣା ଘଟିବା ଅଧିକା ଆଶଙ୍କା ରହିଛି। ବନ୍ୟଜନ୍ତୁ ଉପରେ ଧ୍ୟାନ ରଖୁଥିବା ଲୋକଙ୍କ ମତରେ ମାଙ୍କଡ ମାନଙ୍କ ସୁରକ୍ଷା ପାଇଁ କେନ୍ଦୁଝର ବନବିଭାଗ ନେଇଥିବା ଏପରି ଅନନ୍ୟ ପ୍ରୟାସ ପ୍ରଶଂସନୀୟ। ମାତ୍ର ସେଥିରେ ମାଙ୍କଡ଼ମାନେ ଯା'ଆସ କରିବା ଦିଗରେ କ'ଣ ପଦକ୍ଷେପ ନିଆଯିବା ଦରକାର, ମାଙ୍କଡମାନେ ଝୁଲା ପୋଲରେ ଅଧିକ ସଂଖ୍ୟାରେ ଯାଉନାହାଁନ୍ତି କାହିଁକି, ସେମାନେ ଝୁଲା ପୋଲଟିରେ ଯିବାବେଳେ ଭୟ କରୁଛନ୍ତି କି, ଏସବୁର ଅନୁଧ୍ୟାନ କରି ବିକଳ୍ପ ବ୍ୟବସ୍ଥା ହେଲେ ମାଙ୍କଡ଼ମାନେ ରାସ୍ତା ପାରିବେଳେ ଦୁର୍ଘଟଣାମୁକ୍ତ ହେବେ ବୋଲି କୁହାଯାଉଛି। ଅନ୍ୟପକ୍ଷରେ ମାଙ୍କଡ଼ଡ ମାନଙ୍କୁ ରାସ୍ତା କଡ଼ରେ ଖାଦ୍ୟଦେଇ ଦୁର୍ଘଟଣା ମୁହଁକୁ ନ ଠେଲିବାକୁ ବନବିଭାଗ ବାରମ୍ବାର ନିବେଦନ କରାଯାଉଛି।

## ପାଗଳ କୁକୁର କାମୁଡ଼ାରେ ୩୦ଜଣ ଆହତ

**ବେଲବାହାଳି,୨୦।୧(ସମିସ):** ଆନନ୍ଦପୁର ବ୍ଲକ ଅନ୍ତର୍ଗତ ବେଲବାହାଳି ଗ୍ରାମରେ କୁକୁର କାମୁଡ଼ାରେ ଆଜି ୧୦ ଜଣ ଗୁରୁତର ଆହତ ହୋଇ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି। ସୂଚନା ମୁତାବକ ଆନନ୍ଦପୁର ଉପଖଣ୍ଡ ବେଲବାହାଳି ଗାଁର ନଈ ସାହି ନିକଟରେ ଦୀର୍ଘ ଏକ ମାସ ହେବ ଏକ ବୁଲା କୁକୁର ବୁଲୁଥିବାର ପରିଲକ୍ଷିତ ହୋଇଥିବା ବେଳେ କିଛିଦିନ ହେବ କୁକୁରଟି ପାଗଳ ହୋଇ ଲୋକଙ୍କୁ ଗୋଡ଼ାଇବା ଆରମ୍ଭ କରିଛି। ଆଜି ଗାଁର ଆଶ୍ରମ ନିକଟରେ କାମ ଚାଲିଥିବା ସମୟରେ ଉପସ୍ଥିତ ଲୋକଙ୍କୁ ହଠାତ୍ କୁକୁରଟି ଆକ୍ରମଣ କରିଥିଲା। କୁକୁର ପାଇଁ ବେଲବାହାଳି ଗ୍ରାମବାସୀ ଭୟଭିତ ହୋଇଥିବା ବେଳେ ତୁରନ୍ତ ଏହାର ପ୍ରତିକାର ପାଇଁ ଗ୍ରାମବାସୀ ପ୍ରଶାସନକୁ ଅନୁରୋଧ କରିଛନ୍ତି। ଅଧ୍ୟାପିକା ସରସ୍ୱତୀ ମୋଦୀ, ଅଧ୍ୟାପିକା ପ୍ରିୟଙ୍କା ଲେଙ୍କା, ଅଧ୍ୟାପକ ରମାକାନ୍ତ ନାଗ, ମହେନ୍ଦ୍ର ନାଥ ମହାନ୍ତ, ସୁଶୀଳା ମହାନ୍ତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ନାବାଳିକାଙ୍କୁ ଦୁଷ୍କର୍ମ; ଯୁବକ ଗିରଫ

**ଯୋଡ଼ା,୨୦।୧(ସମିସ):** ଯୋଡ଼ା ଥାନା ଅନ୍ତର୍ଗତ ବିଛାକୁଣ୍ଡି ଅଞ୍ଚଳର ଜଣେ ୧୫ବର୍ଷର ନାବାଳିକାକୁ ବଡ଼ବିଲ ଥାନା ଠାକୁରାଣୀ ଅଞ୍ଚଳର ଜଣେ ଯୁବକ ଅପହରଣକରି ନେଇଥିବା ଯୋଡ଼ ଥାନାରେ ଗତ ୫ ତାରିଖରେ ଝିଅର ମା' ଅଭିଯୋଗ କରିଥିଲେ। ଏହାକୁ ଆଧାରକରି ପୁଲିସ ତଦନ୍ତ ପରେ ଯୁବକ ଜଣକ ସୋନପୁର ଜିଲ୍ଲା ରାମପୁର ଗ୍ରାମରେ ତାଙ୍କର ଜଣେ ସାଙ୍ଗଙ୍କ ଘରେ ଉକ୍ତ ନାବାଳିକାକୁ ରଖାଯାଇଥିବା ନେଇ ଖବର ପାଇବା ପରେ ସେଠାକୁ ଯାଇ ୧୮ ତାରିଖରେ ନାବାଳିକାକୁ ଉଦ୍ଧାର କରିବା ସହ ଯୁବକକୁ ଗିରଫ କରିଥିଲା। ଗିରଫ ଯୁବକର ନାମ ନନ୍ଦୁ କାରୁଆ (୨୦) ଓ ସେ ଠାକୁରାଣୀ ଅଞ୍ଚଳରେ ରହି କାମ କରିଆସୁଥିଲା। ନାବାଳିକାର ବୟାନ ନେବା ପରେ ତାକୁ ବାରମ୍ବାର ଦୁଷ୍କର୍ମ କରାଯାଇଥିବା ଘଟଣା ସାମ୍ନାକୁ ଆସିଥିଲା। ଫଳରେ ପୁଲିସ ନାବାଳିକାକୁ ଅପହରଣ ଓ ଦୁର୍ଷ୍କମ ନେଇ ୬ ପକ୍ସୋ ଆକ୍ଟରେ କେଶ ନଂ ୧୦/୨୪ ୬ରେ ମାମଲା ରଜୁକରି କେନ୍ଦୁଝର ବିଚାର ବିଭାଗୀୟ ଅଦାଲତକୁ ପଠାଇବାସହ ନାବାଳିକାକୁ ଜିଲ୍ଲା ଶିଶୁ ସୁରକ୍ଷା କେନ୍ଦ୍ରକୁ ପଠାଇ ଦେଇଥିବା ଯୋଡ଼ା ଥାନା ଅଧିକାରୀ ଲୋକେସ ସାହୁ ସୁଚନା ଦେଇଛନ୍ତି।

## ପାଟଣା ବଜାରରେ ସୁନା ଲୁଟ୍

**ପାଟଣା,୨୦।୧(ସମିସ):** କେନ୍ଦୁଝର ଜିଲ୍ଲା ପାଟଣା ବଜାର ନିକଟରେ ସ୍ଥାନୀୟ ଧାନବେଣୀ ଗ୍ରାମର ହେମାନନ୍ଦ ମହାନ୍ତଙ୍କ ଠାରୁ ସୁନା ଲୁଟ ହୋଇଥିବା ଜଣାପଡିଛି। ଆଜି ସନ୍ଧ୍ୟାରେ ହେମାନନ୍ଦ ୬୨ ହଜାର ଟଙ୍କା ମୂଲ୍ୟର ସୁନା କ୍ରୟ କରି ନିଜ ଗ୍ରାମ ଧାନବେଣୀକୁ ଯାଉଥିଲା ବେଳେ କେହି ଦୁର୍ବୃତ୍ତ ବାଇକ୍‌ରେ ଆସି ଅତର୍କିତ ଭାବେ ତାଙ୍କ ବ୍ୟାଗରେ ଥିବା ସୁନାକୁ ଝାମ୍ପି ନେଇ ଦ୍ରୁତଗତିରେ ଚାଲି ଯାଇଥିଲେ। ଏ ସମ୍ପର୍କରେ ଥାନାରେ ଅଭିଯୋଗ ହୋଇଥିବା ବେଳେ ପାଟଣା ଥାନା ଅଧିକାରୀ ବିଭୋସ୍ଵ କୁମାର ପ୍ରଧାନ ଘଟଣାର ତଦନ୍ତ ଜାରି ରଖିଛନ୍ତି।

## ଅବସରକାଳିନ ବିଦାୟ ସମ୍ବର୍ଦ୍ଧନା

**ସୋସୋ, ୨୦।୧(ସମିସ):** ହାଟଡିହି ବ୍ଲକ ପଞ୍ଚାୟତ ହାଇସ୍କୁଲ ଶାସଙ୍ଗରେ କର୍ମଚାରୀ ରମେଶ ଚନ୍ଦ୍ର ନାୟକଙ୍କୁ ଅବସରକାଳିନ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ହାଇସ୍କୁଲର ପ୍ରଧାନ ଶିକ୍ଷକ ନବକିଶୋର ବିଶ୍ୱାଳଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଓଷ୍ଟାର ରାଜ୍ୟ ସହ ସମ୍ପାଦକ ମୃତ୍ୟୁଞ୍ଜୟ ପଲେଇ, ମୁଖ୍ୟବକ୍ତା ଓଷ୍ଟାର ଉପଦେଷ୍ଟା ଶାନ୍ତନୁ କୁମାର ମିଶ୍ର, ସମ୍ମାନିତ ଅତିଥି ଅବସରପ୍ରାପ୍ତ ଶିକ୍ଷକ ବନବିହାରୀ ବେହେରା, ଅମଲା ସଂଘର ସମ୍ପାଦକ ପ୍ରସନ୍ନ କୁମାର ବେହେରା, ବିଦ୍ୟାଧର କର ପ୍ରମୁଖ ଯୋଗ ଦେଇ ଅବସର ନେଇଥିବା ଶିକ୍ଷା କର୍ମଚାରୀଙ୍କ ଉପରେ ମତବ୍ୟକ୍ତ କରିଥିଲେ। ଏହି ସମୟରେ ପୁରାତନ ଛାତ୍ରଛାତ୍ରୀ ଓ ବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ପଦ୍ମନାଭ ପଣ୍ଡା ମଞ୍ଚ ସଂଯୋଜନା କରିଥିବା ବେଳେ ଶିକ୍ଷକ ରାଧାକୃଷ୍ଣ ପତି ବିବରଣୀ ପାଠ କରିଥିଲେ। ଶିକ୍ଷକ ମାଧବାନନ୍ଦ ଜେନା, ଲକ୍ଷ୍ମୀକାନ୍ତ ମିଶ୍ର, ଶିଶିର କୁମାର ବିଶ୍ୱାଳ, ଶାନ୍ତନୁ କୁମାର ରାଉତ, ପ୍ରଦୀପ କୁମାର ସ୍ୱାଇଁ, ପଶୁରାମ ନାୟକ, ସତ୍ୟବ୍ରତ ବିଶ୍ୱାଳ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା ଓ ସହଯୋଗ କରିଥିଲେ।

## ଆତ୍ମରକ୍ଷା ତାଲିମ ଶିବିର



**ବେଲବାହାଳି,୨୦।୧(ସମିସ):** ଆନନ୍ଦପୁର ବ୍ଲକ ବେଲବାହାଳି ବେଲେଶ୍ୱର ଉଚ୍ଚ ମାଧ୍ୟମିକ ବିଦ୍ୟାଳରେ ଯୁକ୍ତ ଦୁଇରେ ୭୫ ଜଣ ଛାତ୍ରୀଙ୍କୁ ପ୍ରଶିକ୍ଷିକା କାଦମ୍ବିନୀ ସ୍ୱାଇଁ ଆତ୍ମରକ୍ଷା ତାଲିମ ପ୍ରଦାନ କରିଛନ୍ତି। ଅଧକ୍ଷ କାର୍ତ୍ତିକେଶ୍ୱର ବେହେରାଙ୍କ ଅଧକ୍ଷତାରେ କାର୍ଯ୍ୟକ୍ରମ ଉଦଘାଟିତ ହୋଇଥିଲା। ଛାତ୍ରୀମାନେ କଲେଜ ପରିସରରେ ଆତ୍ମ ସୁରକ୍ଷା ଉପକାରିତା ସମ୍ପର୍କରେ ପ୍ରଶିକ୍ଷିକାଙ୍କ ନିକଟରୁ ଶିକ୍ଷା ଗ୍ରହଣ କରିଥିଲେ। ଏଥିରେ କଲେଜର ପ୍ରୋଗ୍ରାମ ଅଫିସର ଆମୋଦ କୁମାର ବିଶ୍ୱାଳ ଏହି ଶିବିର ପରିଚାଳନା କରିଥିବା ବେଳେ ଅଧ୍ୟାପକ କାହ୍ନୁ ଚରଣ ରଥ, ଭାଗୀରଥି ସାହୁ, ଅନୁରୁଦ୍ଧ ଓଝା, କ୍ଷମାକର ନାୟକ ପ୍ରମୁଖ ଛାତ୍ରଛାତ୍ରୀଙ୍କୁ ଆତ୍ମ ସୁରକ୍ଷା ପ୍ରଶିକ୍ଷଣ ବିଷୟରେ ମତବ୍ୟକ୍ତ କରିଥିଲେ। ଏହି ଆତ୍ମରକ୍ଷା କୌଶଳ ତାଲିମ ଶିବିର ଆସନ୍ତା ୨ତାରିଖ ପର୍ଯ୍ୟନ୍ତ ପ୍ରଶିକ୍ଷଣ ଶିକ୍ଷା ଦିଆଯିବ ବୋଲି ପୋଗ୍ରାମ ଅଫିସର ଆମୋଦ ବିଶ୍ୱାଳ ପ୍ରକାଶ କରିଛନ୍ତି। ଏହି ପ୍ରଶିକ୍ଷଣ ପାଇବା ପରେ ଛାତ୍ରୀ ମାନେ ନିଜର ସାହସ ଆହୁରି ଅଧିକ ମଝବୁତ୍ କରିପାରିବେ ବୋଲି ଛାତ୍ରୀମାନେ ପ୍ରକାଶ କରିଛନ୍ତି।

## ନାବାଳିକା ଦୁଷ୍କର୍ମକାରୀକୁ ୫ ବର୍ଷ ଜେଲ

**କେନ୍ଦୁଝର,୨୦।୧(ସମିସ):** ଶନିବାର କେନ୍ଦୁଝର ଫାଷ୍ଟଟ୍ରାକ କୋର୍ଟର ଜଜ୍ ବିଜୟ କୁମାର ମିଶ୍ର ଜଣେ ନାବାଳିକା ଦୁଷ୍କର୍ମକାରୀକୁ ୫ ବର୍ଷ ଜେଲ ଦଣ୍ଡାଦେଶ ଦେଇଛନ୍ତି। କୋର୍ଟ ସୂତ୍ରରୁ ସୂଚନା ଅନୁସାରେ ତେଲକୋଇ ଥାନା ଅଞ୍ଚଳରେ ଗତ ୨୦୨୦ ଏପ୍ରିଏ ୧ ତାରିଖରେ ଜଣେ ୭ ବର୍ଷର ନାବାଳିକା ଦାଣ୍ଡରେ ଖେଳିସାରିବା ପରେ ଘରକୁ ଫେରୁଥିଲେ। ଏତିକିବେଳେ ତେଲକୋଇ ଥାନା କୁଣ୍ଡେଇହତା ଗ୍ରାମର ଶରତ ପାତ୍ର (୫୦) ନାମକ ବ୍ୟକ୍ତି ନାବାଳିକାକୁ ବିସ୍କୁଟ ଏବଂ ଚକଲେଟ ଦେବାକୁ କହି ଗୋଟିଏ ଘରକୁ ଡାକିନେଇଥିଲେ। ପରେ ତାଙ୍କ ଦୁଷ୍କର୍ମ କରିଥିବା ତେଲକୋଇ ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୋଗକୁ ଭିତ୍ତିକରି ତେଲକୋଇ ପୁଲିସ ଥାନା କେଶ ନମ୍ବର ୪୭ ଅନୁସାରେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଏହି ମାଲାର ବିଚାର କରି ୧୫ ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତିକରି କେନ୍ଦୁଝର ଫାଷ୍ଟଟ୍ରାକ କୋର୍ଟ ଅଭିଯୁକ୍ତକୁ ୫ ବର୍ଷ ଜେଲ, ୫ ହଜାର ଟଙ୍କା ଜରିମନା ଆଦେଶ ଦେଇଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ଜ୍ଞାନେନ୍ଦ୍ରନାଥ ଜେନା କେଶ ପରିଚାଳନା କରୁଥିଲେ ବୋଲି ସୂଚନା ମିଳିଛି।

## ଶ୍ରୁତିବାଧିତଙ୍କୁ ଶ୍ରବଣଯନ୍ତ୍ର ପ୍ରଦାନ

**ହାଟଡିହି/ସୋସୋ,୨୦।୧(ସମିସ):** ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରୀ ସ୍ୱାତିଶ୍ରୀ ସିଂଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ବିଡିଓ ସୌମ୍ୟଶ୍ରୀ ପାଣିଗ୍ରାହୀ ଯୋଗଦେଇ ହାଟଡିହି ବ୍ଲକ୍‌ର ୩୮ଜଣ ଶ୍ରୁତିବାଧିତଙ୍କୁ ଶ୍ରବଣଯନ୍ତ୍ର ପ୍ରଦାନ କରାଯାଇଛି। ଭୁବନେଶ୍ୱରରୁ ଆସିଥିବା ବିଭାଗୀୟ ଡାକ୍ତର ପ୍ରଭାତ କୁମାର ନାଥ ଓ ନବାଜ୍ ସରିଫ୍ ସମସ୍ତ ଶ୍ରୁତିବାଧିତଙ୍କ କାନକୁ ପରୀକ୍ଷାନିରୀକ୍ଷା ପରେ ଜଣଙ୍କୁ ୨ଟି ଲେଖାଏଁ ଶ୍ରବଣଯନ୍ତ୍ର ପ୍ରଦାନ କରିଥିଲେ। ଏଥିରେ ସହାୟକ ଏସ୍ ପ୍ରତୀକ୍ ଓ ରାଜେଶ ସାହୁ ସହଯୋଗ କରିଥିଲେ।

## କଣ୍ଟିପାଳ ରେଙ୍ଗ ସାହିରେ ମାଗେ ପର୍ବ



**ଆନନ୍ଦପୁର,୨୦।୧(ସମିସ):** ଆନନ୍ଦପୁର ବ୍ଲକ ଅନ୍ତର୍ଗତ କଣ୍ଟିପାଳ ଗ୍ରାମରେ ଆଦିବାସୀମାନଙ୍କ ମାଗେ ପର୍ବ ଆନନ୍ଦ ଉଲ୍ଲାସରେ ପାଳିତ ହୋଇଯାଇଛି। ୩ ଦିନ ଧରି ପାଳିତ ହୋଇଥିବା ଏହି ପର୍ବରେ ପରିଚାଳନା କମିଟି ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଆୟୋଜନ କରାଯାଇଥିଲା। ଆଦିବାସୀ ସଂପ୍ରଦାୟର ଏହି ଗଣପର୍ବରେ କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଓ ଅନୁଗୁଳ ଜିଲାରୁ ବହୁ ସମାଗମ ହୋଇଥିଲା। ଆଦିବାସୀ ସଂପ୍ରଦାୟ ଲୋକେ ନିଜର ପାରମ୍ପାରିକ ପୋଷାକରେ ବେଶଭୁଷା ହୋଇ ନୃତ୍ୟ ଓ ଗୀତରେ ଏହି ପର୍ବକୁ ପାଳନ କରିଥିଲେ। କଣ୍ଟିପାଳର ରେଙ୍ଗ ସାହି କମିଟି ପକ୍ଷରୁ ଆୟୋଜିତ ଏହି ପର୍ବର ଶେଷ ଦିନରେ ଜିଲା ପରିଷଦ ସଦସ୍ୟ ଜିତେନ୍ଦ୍ର ସାମଲ, ରାମଚନ୍ଦ୍ର ପଲେଇ, ଭଗବାନ ବେହେରା, ମନୁ ବେହେରା, ବିଜୟ ପ୍ରଧାନ ଯୋଗ ଦେଇ ଏହି ପାରମ୍ପରିକ ପର୍ବକୁ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମକୁ ଘନଶ୍ୟାମ ହେମ୍ବ୍ରମ, ରାଜେଶ ହେମ୍ବ୍ରମ, ପପ ପୂର୍ତ୍ତୀ, ମାଧବ ହୋ, କାର୍ତିକ ପୂର୍ତ୍ତି, ନରେନ୍ଦ୍ର ବିରୁଆ, ରଙ୍ଗାଧର ପିଙ୍ଗୁଆ, କିଶୋର ହେମ୍ବ୍ରମ ପ୍ରମୁଖ ପରିଚାଳନା କରିଥିଲେ।

## ବନଫୁଲ ଇଂରାଜୀ ବିଦ୍ୟାଳୟରେ ବାର୍ଷିକ ଉତ୍ସବ

**ତେଲକୋଇ,୨୦।୧(ସମିସ):** ତେଲକୋଇ ବ୍ଲକ ଦନ୍ଦୁଆ ମୁଣ୍ଡା ସ୍ଥିତ ବନଫୁଲ୍ ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ଆଜି ବାର୍ଷିକ ଉତ୍ସବ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ମୁଖ୍ୟଅତିଥି ଭାବେ ତେଲକୋଇ ମହିଳା ଓ ଶିଶୁ ବିକାଶ ଅଧିକାରୀ ଅମିତା ପଣ୍ଡା ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ରଶ୍ମିତା ନାୟକ, ବିଦ୍ୟାଳୟ କମିଟିର ସଭାପତି ନରହରି ପ୍ରଧାନ, ବିଦ୍ୟାଳୟ ପ୍ରଧାନ ଶିକ୍ଷକ ରାଜେନ୍ଦ୍ର ନାରାୟଣ ଦାସ ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦ୍ ଘାଟନ କରିଥିଲେ। ଏହି ଅବସରରେ ବାର୍ଷିକ କ୍ରୀଡାରେ କୃତିତ୍ୱ ଅର୍ଜନ କରିଥିବା କୃତି ଛାତ୍ରଛାତ୍ରୀଙ୍କୁ ମାନପତ୍ର ସହିତ ପୁରସ୍କୃତ କରାଯିବା ସହିତ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ତତ୍ ସହିତ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଗୋଗ କରିଥିଲେ।

## ବରିଷ୍ଠ ନାଗରିକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**ବଡ଼ବିଲ,୨୦।୧(ସମିସ):** କେନ୍ଦୁଝର ଜିଲ୍ଲା ବଲାଣି ଥାନା ଅନ୍ତର୍ଗତ କିରିବୁରୁ-ବଡ଼ବିଲ ମୁଖ୍ୟ ରାସ୍ତାର ବାଲାଗୋଡା ସ୍ଥିତ ନିର୍ମାଣଧୀନ କାରୋ ବ୍ରିଜରୁ ଦଉଡ଼ିରେ ଝୁଲୁଥିବା ଜଣେ ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର କରାଯାଇଛି। ମୃତବ୍ୟକ୍ତି ଜଣକ ଯୋଡା ଥାନା ମହାବୀର ଚୌକ ବିହାରୀ କଲୋନୀର ୬୨ ବର୍ଷୀୟ ଜାଡ଼େଶ୍ୱର ସାହୁ ବୋଲି ଜଣାପଡିଛି। ସେ ଯୋଡ଼ାସ୍ଥିତ ଟିସ୍କୋ କମ୍ପାନୀରେ ସ୍ଥାୟୀ କର୍ମଚାରୀ ଭାବରେ କାର୍ଯ୍ୟ କରି ଗତ ବର୍ଷ ଅବସର ନେଇଥିଲେ। ପରିବାର ସଦସ୍ୟ କହିବା ଅନୁଯାଇ ସେ ଗତ କିଛି ଦିନ ହେବ ବଡ଼ବିଲ ବସ୍‌ଷ୍ଟାଣ୍ଡ ନିକଟରେ ଥିବା ଏକ ହୋମ୍ ପାଇପ୍ ଦୋକାନରେ କାମ କରୁଥିଲେ। ଗତକାଲି ସକାଳ ୧୦ ଟାରେ ଘରୁ ବାହାରିବା ପରେ ରାତିରେ ଫେରିନଥିଲେ। ବଲାଣି ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବକୁ ବଡ଼ବିଲ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ବ୍ୟବଚ୍ଛେଦ ପାଇଁ ପଠେଇଥିବା ବେଳେ ପରିବାର ଲୋକ ମୃତକ ପିନ୍ଧିଥିବା ଚପଲ ଏବଂ ମୋବାଇଲ୍ ଫୋନ୍ ନିଖୋଜ ଥିବାରୁ ଏହା ସୁପରିକଳ୍ପିତ ହତ୍ୟା ମାମଲା ବୋଲି ଅଭିଯୋଗ କରିଛନ୍ତି। ତେବେ ବଲାଣି ପୁଲିସ ତଦନ୍ତ ଜାରି ରଖି ବ୍ୟବଚ୍ଛେଦ ପରେ ଏହା ହତ୍ୟା କିମ୍ବା ଆତ୍ମହତ୍ୟା ମାମଲା ଜଣାପଡିବ ବୋଲି କହିଛି।

## ନାରଦପୁରରେ କିଶୋରୀ ମେଳା




**ନାରଦପୁର,୨୦।୧(ସମିସ):** ଝୁମ୍ପୁରା ବ୍ଲକ ଅନ୍ତର୍ଗତ ନାରଦପୁର ଗ୍ରାମପଞ୍ଚାୟତରେ ସମନ୍ୱିତ ଶିଶୁ ବିକାଶ ଆନୁକୂଲ୍ୟରେ ଆଜି କିଶୋରୀ ମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୮ ବର୍ଷରୁ କମ ବାଳିକା ମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା ଏବଂ ଅପପୃଷ୍ଟି, ଋତୁସ୍ରାବ ଏବଂ ଅନ୍ୟାନ୍ୟ ସମସ୍ୟା ଉପରେ ଆଲୋଚନା କରିବା ସହିତ କିପରି ସ୍ୱାସ୍ଥ୍ୟ ଭଲ ରହିବ ସେ ନେଇ ମେଳାରେ ଉପସ୍ଥିତ କିଶୋରୀମାନଙ୍କୁ ବୁଝାଇଥିଲେ। ଏହି କାର୍ଯ୍ୟକ୍ରମରେ ସୁପରଭାଇଜର ମକରି ନାଏକ, ଏଏନଏମ୍ ପଙ୍କୋଜିନୀ ନାଏକ, ସିଏଚଓ କୋମଳୀନୀ ନାଏକ, ଆଶା କର୍ମୀ ଲଳିତା ବାରିକ, ସୁକାନ୍ତି ମାଝୀ, ଅନ୍ନପୂର୍ଣ୍ଣା ମହାନ୍ତ, କନକ ମହାନ୍ତ, ଅଙ୍ଗନବାଡି କର୍ମୀ ମୀନା ନାଏକ, ଶକୁନ୍ତଳା ବେହେରା, ରିତା ଓରାମ, ସୁନିତା ମୁଦି, ବାସନ୍ତୀ ନାଏକ, କବିତା ସେନାପତି ପ୍ରମୁଖ ଉପସ୍ଥିତ ରହିଥିଲେ। ଏହି ମେଳାରେ ବହୁ କିଶୋରୀ ମାନେ ଯୋଗ ଦେଇଥିଲେ।

## ତେଲକୋଇ ଅଞ୍ଚଳରେ କମ୍ବଳ ବଣ୍ଟନ



**ତେଲକୋଇ,୨୦।୧(ସମିସ):** ତେଲକୋଇ ବ୍ଲକ ଅନ୍ତର୍ଗତ ସମସ୍ତ ପଞ୍ଚାୟତ ଅଞ୍ଚଳରେ ପୂର୍ବତନ ଚମ୍ପୁଆ ବିଧାୟକ ସନାତନ ମହାକୁଡ଼ଙ୍କ ମା' ଜଗତ ଜନନୀ ସେବା ଟ୍ରଷ୍ଟ ପକ୍ଷରୁ ଗରିବ ଶ୍ରେଣୀର ବୃଦ୍ଧ, ବୃଦ୍ଧା, ଭିନ୍ନକ୍ଷମ, ଅସହାୟ ମାନଙ୍କୁ କମ୍ବଳ ବଣ୍ଟନ କରାଯାଉଛି। ପ୍ରତି ପଞ୍ଚାୟତରେ କମ୍ବଳ ପ୍ରଦାନ କରାଯିବା ନେଇ ଟ୍ରଷ୍ଟ ପକ୍ଷରୁ ସ୍ଥିର ହୋଇଛି। ଏହି ପରିପ୍ରେକ୍ଷୀରେ ଆଜି ତେଲକୋଇ ପଞ୍ଚାୟତ ମୁଖ୍ୟାଳୟ ବଜାର ଛକ ନିକଟରେ ୧୩୦ଜଣଙ୍କୁ କମ୍ବଳ ପ୍ରଦାନ କରାଯାଇଛି। ସେବା ଟ୍ରଷ୍ଟର ବରିଷ୍ଠ ସଦସ୍ୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମସ୍ତ ପଞ୍ଚାୟତରେ କମ୍ବଳ ବଣ୍ଟନ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିବା ବେଳେ ଆଜି ତେଲକୋଇ ଗ୍ରାମ ପଞ୍ଚାୟତ ସରପଞ୍ଚ ରଶ୍ମିତା ନାୟକ, ସାଂସଦ ପ୍ରତିନିଧି କୈଳାସ ଚନ୍ଦ୍ର ପ୍ରଧାନ, ଗଣେଶ୍ୱର ଦେହୁରୀ ପ୍ରମୁଖ ଉପସ୍ଥିତି ରହି କମ୍ବଳ ବଣ୍ଟନ କରିଥିଲେ।

## ନବୋଦୟ ପ୍ରବେଶିକା ପରୀକ୍ଷା ଦେଲେ ଛାତ୍ରଛାତ୍ରୀ

**ଆନନ୍ଦପୁର,୨୦।୧(ସମିସ):** ଜବାହାର ନବୋଦୟ ବିଦ୍ୟାଳୟରେ ନାମ ଲେଖାଇବା ପାଇଁ ଆଜି ଅନୁଷ୍ଠିତ ପ୍ରବେଶିକା ପରୀକ୍ଷା ଶୃଙ୍ଖଳାର ସହିତ ଶେଷ ହୋଇଛି। ଆଜି ଆନନ୍ଦପୁର ଓ ଘସିପୁରା ବ୍ଲକର ୮୯୯ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଆନନ୍ଦପୁର ବ୍ଲକର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ୩୪୩ ଜଣ ବଳଭଦ୍ର ନାରାୟଣ ଉଚ୍ଚ ବିଦ୍ୟାଳୟରେ ୨୫୩ ଜଣ, ଝାଡେଶ୍ୱର ନୋଡାଲ ବିଦ୍ୟାଳୟରେ ୨୦୫ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ। ପରୀକ୍ଷା ଆରମ୍ଭରେ ଆନନ୍ଦପୁର ଶିକ୍ଷାଧିକାରୀ ଅଜିତ କୁମାର ବାରିକ, ସହକାରୀ ଶିକ୍ଷାଧିକାରୀ ହେମେନ୍ଦ୍ର କୁମାର ମହାନ୍ତି, ଅତୁଲ କୁମାର ବଳ, ଘସିପୁରା ଶିକ୍ଷାଧିକାରୀ ତପୋଧନ ସ୍ୱାଇଁ ପରୀକ୍ଷା କେନ୍ଦ୍ର ପରିଦର୍ଶନ କରିଥିଲେ।

**ହାଟଡିହି/ସୋସୋ:** ହାଟଡିହି ଶିକ୍ଷାମଣ୍ଡଳ ଅଧୀନ ହାଟଡ଼ିହି ଓ ଶାଳଣିଆଁ ହାଇସ୍କୁଲରେ ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ହାଟଡିହି କେନ୍ଦ୍ରରେ ପ୍ରଧାନଶିକ୍ଷକ ଶିଶିର କୁମାର କରଙ୍କ ପରିଚାଳନାରେ ଅନୁଷ୍ଠିତ ପରୀକ୍ଷାରେ ବ୍ଲକ୍ ସହ-ଶିକ୍ଷାଧିକାରୀ ପ୍ରମୋଦ କୁମାର ନାୟକ ନିରୀକ୍ଷକ ଭାବେ ଦାୟିତ୍ୱ ବହନ କରିଥିଲେ। ଏଥିରେ ମୋଟ୍ ୪୧୩ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେବାକୁ ଆବଣ୍ଟନ ହୋଇଥିଲା। ଏଥିରେ ୩୮୩ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲା ବେଳେ ୩୦ଜଣ ଛାତ୍ରଛାତ୍ରୀ ଅନୁପସ୍ଥିତ ରହିଥିଲେ। ସେହିପରି ଶାଳଣିଆଁ କେନ୍ଦ୍ରରେ ଶାଳଣିଆଁ ହାଇସ୍କୁଲର ପ୍ରଧାନଶିକ୍ଷକ ବଳରାମ ସାଙ୍କ ପରିଚାଳନାରେ ପ୍ରବେଶିକା ପରୀକ୍ଷାଟି ଅନୁଷ୍ଠିତ ହୋଇଥିଲା ବେଳେ ବ୍ଲକ୍ ଶିକ୍ଷାଧିକାରୀ ଧନେଶ୍ୱର ଖଣ୍ଡେଇ ଏଥିରେ ନିରୀକ୍ଷକ ଭାବେ ଦାୟିତ୍ୱ ସମ୍ପନ୍ନ କରିଥିଲେ। ଶାଳଣିଆଁ କେନ୍ଦ୍ରରେ ୪୦୮ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେବାକୁ ଆବଣ୍ଟନ ହୋଇଥିଲା। ଏଥିରେ ୩୭୩ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲା ବେଳେ ୩୫ଜଣ ଛାତ୍ରଛାତ୍ରୀ ଅନୁପସ୍ଥିତ ରହିଥିଲେ।

**ତେଲକୋଇ:** ତେଲକୋଇ ବ୍ଲକ ମୁଖ୍ୟାଳୟର ଦୁଇଟି ବିଦ୍ୟାଳୟରେ ଶନିବାର ନବୋଦୟ ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ତେଲକୋଇ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଏବଂ ତେଲକୋଇ ସରକାରୀ ଉଚ୍ଚ ବିଦ୍ୟାଳୟରେ ଏହି ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ଏଥିରେ ସମୁଦାୟ ୩୦୬ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଛନ୍ତି। ତେଲକୋଇ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ୧୮୧ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୪୭ ଜଣ ଉପସ୍ଥିତ ଥିବା ବେଳେ ତେଲକୋଇ ସରକାରୀ ଉଚ୍ଚ ବିଦ୍ୟାଳୟରେ ୧୯୨ ଜଣଙ୍କ ମଧ୍ୟରୁ ୧୫୯ ଜଣ ଉପସ୍ଥିତ ରହିଥିଲେ।

### ଆମିଷ ବଜାର ନିର୍ମାଣ ଅଧପନ୍ତରିଆ

## ଦୁର୍ଗନ୍ଧ ପରିବେଶ ଯୋଗୁଁ ବଢୁଛି ଅସନ୍ତୋଷ

ଚମ୍ପୁଆ,୨୦।୧(ସମିସ)



ଚମ୍ପୁଆ ଏନ୍‌ଏସି ଅଧୀନରେ ଥିବା ଆମିଷ ବଜାରଟି ୨୦ ନଂ ରିମୁଳି-ରାଞ୍ଚି ଜାତୀୟ ରାଜପଥ କଡ଼ରେ ଅବସ୍ଥିତ। ଦୀର୍ଘ ଏକ ବର୍ଷ ହେବ ନୂତନ ମାଛ ବଜାର ନିର୍ମାଣ ପାଇଁ ନିକଟରେ ଥିବା ଏକ ସରକାରୀ ଜମିକୁ ସମତୁଲ କରାଯାଇ ସେଠାରେ କେବଳ ଗାର୍ଡ ୱାଲ ତିଆରି କରି ସ୍ଥାନୀୟ ଏନ୍‌ଏସି ଚୁପ୍ ହୋଇ ବସିଥିବା ଦେଖିବାକୁ ମିଳୁଛି। ନୂତନ ମାଛ ବଜାର ନିର୍ମାଣ ପାଇଁ ଏନ୍‌ଏସି ତରଫରୁ ୧୨ ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇଥିଲେ ହେଁ ବିନା ସୂଚନା ଫଳକରେ ସମସ୍ତଙ୍କୁ ଅନ୍ଧାର ରଖି ଦୀର୍ଘ ଏକ ବର୍ଷ ହେବ ଗାର୍ଡ ୱାଲ କରି ବସିଛି ବିଭାଗ। ବଜାରକୁ ଲାଗି ରହିଛି ବାଳିକା ଉଚ୍ଚ ବିଦ୍ୟାଳୟ, କସ୍ତୁରବା ହଷ୍ଟେଲ, ଉପଜିଲ୍ଲାପାଳଙ୍କ ଆବାସ। ଦୈନିକ ଏହି ରାସ୍ତା ଦେଇ ଯା'ଆସ କରୁଛି ଶହଶହ ଗାଡିମଟର। ଆମିଷ ବଜାରରୁ ବାହାରୁଥିବା ବର୍ଜ୍ୟବସ୍ତୁ ଓ ଅପରିଷ୍କାର ପାଣି ଯୋଗୁଁ ପରିବେଶ ପୂତି ଗନ୍ଧମୟ ହୋଇପଡୁଛି। ଫଳରେ ଏଠାକୁ ଆସୁଥିବା ଦୋକାନୀ ଓ ଗ୍ରାହକ ଅସନ୍ତୋଷ ବ୍ୟକ୍ତ କରୁଛନ୍ତି। ଆଧୁନିକ ସ୍ୱଚ୍ଛ ଆମିଷ ବଜାର ନିର୍ମାଣ ପାଇଁ ନଗର ଉନ୍ନୟନ ବିଭାଗ ତରଫରୁ ଅର୍ଥ ମଞ୍ଜୁରୀ ହୋଇଥିଲେ ମଧ୍ୟ ଅଦ୍ୟାବଧି ଏହା ଅଧପନ୍ତରିଆ ପଡ଼ି ରହିବା ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏନେଇ ଏନ୍‌ଏସିର କାର୍ଯ୍ୟନିର୍ବାହୀ ଅଧିକାରୀ ସୁଜିତ କୁମାର ଚୌଧୁରୀଙ୍କୁ ପଚାରିବାରୁ ଏ ବାବଦରେ ରହିଥିବା ସମସ୍ୟାକୁ ଦୂରକରି କାମ ଶୀଘ୍ର ଆରମ୍ଭ କରାଯିବ।

# ସୁବର୍ଣ୍ଣରେଖା ନଦୀ ଉପରେ ନିର୍ମାଣ ହେବ ଆଉ ଏକ ପୋଲ



- ତହସିଲ ଓ ପୂର୍ତ୍ତ ବିଭାଗର ମାପଚୁପ ଆରମ୍ଭ
- ଅଞ୍ଚଳବାସୀଙ୍କ ମଧ୍ୟରେ ଖୁସିର ଲହରୀ

**ରାଇବଣିଆ, ୨୦।୧ (ସମିସ):**

ଗତ ଜୁନ ୧୬ତାରିଖ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଜଳେଶ୍ୱର ଗସ୍ତ କରିଥିଲେ। ସେହି ସମୟରେ ମାକିଡ଼ିଆ ପଞ୍ଚାୟତ ବାସୀଙ୍କ ତରଫରୁ ସରପଞ୍ଚ ବିଷ୍ଣୁ ପ୍ରିୟା ଘୋଷ ଓ ସଦସ୍ୟା ସୁପ୍ରଭା ଘଡେଇ ଓଡ଼ିଶାରୁ ପଶ୍ଚିମବଙ୍ଗ ଯିବା ପାଇଁ ସୁବର୍ଣ୍ଣରେଖା ନଦୀ ମାକିଡ଼ିଆ ଘାଟ ଉପରେ ଏକ ସ୍ଥାୟୀ ପକ୍କା ପୋଲ ନିର୍ମାଣ ପାଇଁ ଦାବିପତ୍ର ଦେଇଥିଲେ। ଏହି ପରିପେକ୍ଷୀରେ ଆଜି ସକାଳ ୧୦ଘଟିକାରେ ଜଳେଶ୍ୱର ତହସିଲ ଓ ପୂର୍ତ୍ତ ବିଭାଗର ମିଳିତ ସହଯୋଗରେ ମାପଚୁପ ଆରମ୍ଭ ହେଇଛି। ଏଥିପାଇଁ ଅଞ୍ଚଳବାସୀଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଛି। ଜଳେଶ୍ୱର ପୂର୍ତ୍ତ ବିଭାଗର ଡ୍ରିଲିଙ୍ଗ ଆସିଷ୍ଟାଣ୍ଟ ଜେଇ କରୁଣା କର ବେହେରା, ଟ୍ରେନିଂ ଇଞ୍ଜିନିୟର ସୁବାସ ଭୂୟାଁ ଓ ଦେଶବନ୍ଧୁ ସାମଲ ରହିଥିବାବେଳେ ତହସିଲ ପକ୍ଷରୁ ଅମିନ ଗୌରାଙ୍ଗ ଚନ୍ଦ୍ର ଜେନା, ପ୍ରତାପ ଭଞ୍ଜ, ଓଲମରା ଆରାଇ ନିଶି କାନ୍ତ ସିଂ, ସୁପରଭାଇଜର ଗୋପାଳ ମାଝୀଉପସ୍ଥିତ ଥିଲେ। ପଞ୍ଚାୟତ ପକ୍ଷରୁ ନିମାଇଁ ଘୋଷ, ସମୀର ଘଡେଇ, ସଞ୍ଜୟ ଘୋଷ, ରତିକାନ୍ତ ସେନାପତି, ଦୀପକ କାପୁଡି, ପୁଲିନ କାନ୍ତ ପତି, ଚନ୍ଦ୍ରକାନ୍ତ ଦାସ, ଉତ୍ତମ ମହାନ୍ତି, ନୟନ ପାତ୍ର, ଶ୍ୟାମ ସୁନ୍ଦର ବାରିକ ରହିଥିଲେ।

# ପ୍ରମୁଖ ସଚିବ ବିଷ୍ଣୁପଦ ସେଠୀଙ୍କ ପିତାଙ୍କ ସ୍ମୃତିସଭା



**ଭୋଗରାଇ/ଚୌକି, ୨୦।୧ (ସମିସ) :** ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକର ସୋହରିଆ ପଞ୍ଚାୟତ ଅନ୍ତର୍ଗତ ନରସିଂହପୁର ଗ୍ରାମର ବାସିନ୍ଦା ତଥା ରାଜ୍ୟ ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପ୍ରମୁଖ ସଚିବ ବିଷ୍ଣୁପଦ ସେଠୀଙ୍କ ପିତା ସ୍ୱର୍ଗତ ଭଜହରି ସେଠୀଙ୍କ ଏକାଦଶାହ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଛି। ଶନିବାର ସନ୍ଧ୍ୟାରେ ସ୍ୱର୍ଗତ ସେଠୀଙ୍କ ନରସିଂହପୁର ସ୍ଥିତ ବାସଭବନ ପରିସରରେ ଅନୁଷ୍ଠିତ ସ୍ମୃତିଚାରଣ ସଭାରେ ଅବସରପ୍ରାପ୍ତ ପ୍ରାଧ୍ୟାପକ ଉମେଶ ଚନ୍ଦ୍ର ପାତ୍ର ଅଧ୍ୟକ୍ଷତା କରିଥିଲା ବେଳେ ଯୁବ ସମାଜସେବୀ ସରୋଜ କୁମାର ବେହେରା ପରିଚାଳନା କରିଥିଲେ। ଅତିଥି ଭାବେ ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷ ତଥା ବିଜେଡ଼ିର ଜଗତସିଂହପୁର ଜିଲ୍ଲା ପର୍ଯ୍ୟବେକ୍ଷକ ଗୀରିଶ ଚନ୍ଦ୍ର ଦାଶ, ବରିଷ୍ଠ ଟିଭି ସାମ୍ବାଦିକ କୀର୍ତ୍ତି ଚନ୍ଦ୍ର ସାହୁ, ଅବସରପ୍ରାପ୍ତ ହାଇସ୍କୁଲ ଶିକ୍ଷକ ଶ୍ରୀହରି ଚରଣ ଦାସ, ବାଲେଶ୍ୱର-ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କ ଭୋଗରାଇ ଶାଖା ପରିଚାଳକ ଅନନ୍ତ କୁମାର ଦାସ, ସୋହରିଆ ବିଜୟ କୁମାର ଏକାଡେମୀର ପ୍ରଧାନ ଶିକ୍ଷକ ସୁବାଷ ଚନ୍ଦ୍ର ଦତ୍ତ, କ୍ରୀଡା ଶିକ୍ଷକ ତାରାପଦ ସେଠୀ, ଅବସରପ୍ରାପ୍ତ ଶିକ୍ଷକ ଦେବେନ୍ଦ୍ର ପ୍ରଧାନ, ପୁରୁଷୋତ୍ତମପୁର ସମବାୟ ସମିତିର ପୂର୍ବତନ ସଭାପତି ହରିହର ମଣ୍ଡଳ, ଅଧ୍ୟାପକ ବିମଳ ଚନ୍ଦ୍ର ନନ୍ଦୀ, କଳା ଶିକ୍ଷକ ମନୋଜ କୁମାର ଦାସ, ଭୋଗରାଇ ପ୍ରେସ କ୍ଲବ ସଭାପତି ଅମର ମହାନ୍ତି, ଉପଦେଷ୍ଟା ତଥା ବରିଷ୍ଠ ସାମ୍ବାଦିକ ପ୍ରଦୀପ ଦାସ, ସାମ୍ବାଦିକ ବିଶ୍ୱଜିତ ମହାନ୍ତି, ସୁରେଶ ଚନ୍ଦ୍ର ମହାନ୍ତି ଓ ଅଂଶୁମାନ ରାଉତ ଯୋଗ ଦେଇ ସ୍ୱର୍ଗତ ସେଠୀଙ୍କ କର୍ମମୟ ଜୀବନ, ଜୀବନଚର୍ଯ୍ୟା, ସମାଜ ପ୍ରତି କର୍ତ୍ତବ୍ୟ ଓ ଦାୟିତ୍ୱବୋଧତା ସମ୍ପର୍କରେ ସ୍ମୃତିଚାରଣ କରିବା ସହିତ ତାଙ୍କ ଫଟୋଚିତ୍ରରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଏକମାତ୍ର ପୁତ୍ର ବିଷ୍ଣୁପଦ ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ।

# ଦୁଇ ଗିରଫ, ୩ ବାଇକ ଉଦ୍ଧାର

**ସୋର, ୨୦।୧(ସମିସ):** ସୋର ପୌର ପାଳିକା ଉତ୍ତରେଶ୍ୱରରୁ ସାମ୍ବାଦିକଙ୍କ ବାଇକ ଚୋରି ଘଟଣାରେ ସୋର ପୁଲିସ ଦୁଇ ବାଇକ ଚୋରଙ୍କୁ ଗିରଫ କରି କୋର୍ଟ ଚାଲାଣ କରିବା ସହିତ ୩ଟି ବାଇକ ଉଦ୍ଧାର କରିଥିବା ଜଣାପଡ଼ିଛି। ସୋର ବ୍ଲକରେ କାର୍ଯ୍ୟରତ ସାମ୍ବାଦିକ ଗୟାଧର ସାହୁଙ୍କ ବାଇକକୁ ଗତ ଗୁରୁବାର ସନ୍ଧ୍ୟାରେ କେହି ଦୁର୍ବୃତ୍ତ ଚୋରି କରି ନେଇଥିଲେ। ଏ ବାବଦରେ ଶ୍ରୀ ସାହୁ ସୋର ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁକରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ଗତକାଲି ଏହି କେଶରେ ସମ୍ପୃକ୍ତ ଥିବା ପୌର ପାଳିକା ଅନ୍ତର୍ଗତ ପଠାଣମହଲ୍ଲା ଗ୍ରାମର ସୁଲେମାନ ଖାନ (୨୩) ଏବଂ ମିନାଜ କାଦ୍ରୀ (୧୮) କୁ ଥାନାରେ ଅଟକ ରଖି ପଚରାଉଚରା କରିଥିଲା। ପୁଲିସ ପଚରାଉଚରା ସମୟରେ ଉଭୟଙ୍କ ନିକଟରୁ ଶ୍ରୀ ସାହୁଙ୍କ ବାଇକ ସହ ଅନ୍ୟ ଦୁଇଟି ହୋଣ୍ଡା ସାଇନ ବାଇକକୁ ଉଦ୍ଧାର କରିଥିଲେ। ଆଜି ସକାଳେ ପୁଲିସ ଉଭୟଙ୍କୁ ଗିରଫ କରିଥିବା ବେଳେ ଅପରାହ୍ନରେ ସୋର ଡାକ୍ତରଖାନାରେ ଉଭୟଙ୍କ ଡାକ୍ତରୀ ମାଇନା ପରେ କୋର୍ଟ ଚାଲାଣ କରିଛି।

# ଦିବ୍ୟାଙ୍ଗ ନାବାଳକକୁ ମାଡ଼ ଅଭିଯୋଗ

**ସୋର, ୨୦।୧(ସମିସ) :** ସୋର ପୌର ପାଳିକା ଅନ୍ତର୍ଗତ ମୂଳେଶ୍ୱର ଗ୍ରାମର ଜଣେ ଦିବ୍ୟାଙ୍ଗ ନାବାଳକକୁ ମୋବାରକପୁର ଗ୍ରାମର ଜଣେ ମହିଳା ମାଡ଼ ମାରି ଲହୁଲୁହାଣ କରିଥିବା ନେଇ ନାବାଳକଙ୍କ ମା ଥାନାରେ ଅଭିଯୋଗ କରିଛନ୍ତି। ଏହି ଗ୍ରାମର ପ୍ରୀତି ବିଶ୍ୱାଳଙ୍କ ପୁଅ ଜଣେ ମାନସିକ ବିକୃତ ନାବାଳକ ଦିବ୍ୟାଙ୍ଗ ଅଟନ୍ତି। ସେ ପ୍ରତିଦିନ ଭଳି ଆଜି ସାଙ୍ଗ ମାନଙ୍କ ସହ ଖେଳୁଥିବା ବେଳେ କୌଣସି କଥାକୁ ନେଇ ମୋବାରକପୁର ଗ୍ରାମର ଧରଣୀଧର ରଣାଙ୍କ ପିଲାଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଏ ବାବଦରେ ଜାଣିବା ପରେ ଧରଣୀଙ୍କ ସ୍ତ୍ରୀ ଉକ୍ତ ଦିବ୍ୟାଙ୍ଗ ନାବାଳକକୁ ନିସ୍ତୁକ ମାଡ଼ ମାରିଥିଲେ। ନାବାଳକଙ୍କ ମା ପ୍ରୀତି ପୁଅର ଚିତ୍କାର ଶୁଣି ତାଙ୍କୁ ଉଦ୍ଧାର କରି ସୋର ଡାକ୍ତରଖନାରେ ଚିକିତ୍ସା କରାଇବା ପରେ ଅପରାହ୍ନରେ ସୋର ଥାନାରେ ଏକ ଅଭିଯୋଗ କରିଛନ୍ତି। ପୁଲିସ ଅଭିଯୋଗ ମୂଳେ ଘଟଣାର ତଦନ୍ତ ଆରମ୍ଭ କରିଛି।

# ଜୟନାରାୟଣଙ୍କ ବିୟୋଗରେ ଶୋକ

**ଜଳେଶ୍ୱର ବ୍ଲକ, ୨୦।୧ (ସମିସ) :** ଶ୍ରୀଜଗନ୍ନାଥ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପ୍ରଥମ ସମ୍ପାଦକ ତଥା ପୂର୍ବତନ ବିଧାୟକ ଜୟନାରାୟଣ ମହାନ୍ତିଙ୍କ ମହାପ୍ରୟାଣ ପରିପ୍ରେକ୍ଷୀରେ ଅଧ୍ୟକ୍ଷା ମାମି ରାଣୀ ମହାନ୍ତିଙ୍କ ପୌରୋହିତ୍ୟରେ ସମସ୍ତ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଓ ଛାତ୍ରୀଗଣଙ୍କ ଉପସ୍ଥିତିରେ ଏକ ଅଶ୍ରୂଳ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇ ଯାଇଛି। ବିଭିନ୍ନ ଅନୁଷ୍ଠାନର ସେ ସଫଳ ବିଦ୍ଧାଣୀ ତଥା ଜଣେ ଦକ୍ଷ ରାଜନେତା ଥିଲେ। ପଚସ୍ତରୀ ବର୍ଷ ବୟସରେ ତାଙ୍କର ଏଭଳି ଅକାଳ ନିଧନ ପାଇଁ ବାଲିଆପାଳ ଓ ଜଳେଶ୍ୱର ଅଞ୍ଚଳରେ ଗଭୀର ଶୋକର ଛାୟା ଖେଳି ଯାଇଛି।

# ନୀଳଗିରିରେ ପକ୍ଷୀ ମଡ଼କ



**ନୀଳଗିରି, ୨୦।୧(ସମିସ):** ନୀଳଗିରି ବ୍ଲକ ଜାମୁଡ଼ିହା ଗ୍ରାମରେ ବିଭିନ୍ନ ପ୍ରଜାତିର କାଉ, ପାରା, ହଳଦୀ ବସନ୍ତ ଆଦି ୨୦ ରୁ ଅଧିକ ପକ୍ଷୀ ଏକ ଗଛ ମୂଳରେ ମରି ପଡ଼ିଥିବାର ଆଜି ଦେଖିବାକୁ ମିଳିଛି। ପୂର୍ବାହ୍ନରେ ଜାମୁଡ଼ିଆ ହାଇସ୍କୁଲ୍ ନିକଟ ସହର ସାହି ନିକଟ ଏକ ଶିମିଳି ଗଛରେ ଗୋଟେ ପରେ ଗୋଟେ ପକ୍ଷୀ ଗଛରୁ ତଳକୁ ଖସି ପଡ଼ିଥିବା ଗ୍ରାମର କିଛି ପିଲା କୋଳି ଖାଇବାକୁ ଯାଇଥିବା ବେଳେ ଦେଖିଥିଲେ। ତେବେ ସ୍ଥାନୀୟ ଲୋକ ମାନେ ଦେଖି ଭୟଭୀତ ହୋଇ ପଡ଼ିଥିଲେ। ଅଜଣା ରୋଗ ପାଇଁ ପକ୍ଷୀ ମୃତ୍ୟୁ ହୋଇଛି ନା ଅନ୍ୟ କାରଣ ପାଇଁ ହୋଇଛି ତାହା ଜଣା ପଡ଼ି ନାହିଁ। ତେବେ ଏ ସମ୍ପର୍କରେ ନୀଳଗିରି ରେଞ୍ଜର ଆଇସା ନିଶା ଅକ୍ତାରଙ୍କୁ ଯୋଗାଯୋଗ କରିଥିଲେ ମଧ୍ୟ ସେ ଏ ସମ୍ପର୍କରେ ତାଙ୍କ ପାଖରେ କୌଣଷି ସୂଚନା ନାହିଁ ବୋଲି କହିଛନ୍ତି। ପରେ ନୀଳଗିରି ବନଖଣ୍ଡ ଅଧିକାରିଣୀ ଘଟଣା ସ୍ଥଳରେ ପହଞ୍ଚି ପକ୍ଷୀ ଙ୍କୁ ବନ ବିଭାଗ ଅଫିସ କୁ ଅଣାଯାଇ ମୃତ୍ୟୁର କାରଣ ଖୋଜୁଛି।

# ଶନି ଦେବଙ୍କ ବିଗ୍ରହ ପ୍ରତିଷ୍ଠା ଉତ୍ସବ

**ନାମ୍ପୋ, ୨୦।୧(ସମିସ):** ଜଳେଶ୍ୱର ବ୍ଲକ ଅନ୍ତର୍ଗତ ନାମ୍ପୋ ଗ୍ରାମର ହାଡ଼ିପଦା ଠାରେ ଅବସ୍ଥିତ ସାର୍ବଜନୀନ ଶନି ମନ୍ଦିରର ଚତୁର୍ଥ ତମ ବାର୍ଷିକ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି ।ଦିବସ ବ୍ୟାପି ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପ୍ରାତଃରେ ମଙ୍ଗଳ ଆଳତୀ, ବେଦ ଧ୍ୱନି ସହ ପ୍ରଭାତ ଫେରି ଅନୁଷ୍ଠିତ ହୋଇଥିଲା ।ପରେ ପରେ ବେଦଜ୍ଞ ପଣ୍ଡିତଙ୍କ ଦ୍ୱାରା ବିଧି ପୂର୍ବକ ଘଟ ଉତ୍ତୋଳନ, ସ୍ଥାପନ, ପ୍ରତିଷ୍ଠା ଓ ପୂଜାର୍ଚ୍ଚନା ତଥା ହୋମ ଯଜ୍ଞ ଅନୁଷ୍ଠିତ ହୋଇଥିଲା ।ବିଭିନ୍ନ ଅଞ୍ଚଳରୁ ଶହ ଶହ ଶ୍ରଦ୍ଧାଳୁ ଏହି ଉତ୍ସବରେ ଯୋଗଦେଇ ଶ୍ରୀ ଶନି ବିଗ୍ରହ ଙ୍କୁ ପୂଜାର୍ଚ୍ଚନା କରିବା ସହିତ ତୈଳ ଅଭିଷେକ କରିଥିଲେ।

# ଅଜଣା ଗାଡ଼ି ଧକ୍କାରେ ବାଇକ୍ ଚାଳକଙ୍କ ମୃତ୍ୟୁ

**ସୋର, ୨୦।୧(ସମିସ):** ସୋର ଥାନା ୧୬ ନମ୍ବର ଜାତୀୟ ରାଜପଥ ଦହିସଡା ଛକ ନିକଟରେ ଆଜି ଅପରାହ୍ନରେ ଏକ ଅଜଣା ଗାଡି ଧକାରେ ଜଣେ ବାଇକ ଚାଳକଙ୍କ ମୃତ୍ୟୁ ହୋଇଯାଇଛି। ବାହାନଗା ବ୍ଲକ ତାହାରପୁର ଗ୍ରାମର ସର୍ବେଶ୍ୱର ସାମନ୍ତରାୟ(୩୪) ଅପରାହ୍ନରେ ବାଇକ ଯୋଗେ ସୋର ଅଭିମୁଖେ ଆସୁଥିବା ବେଳେ ଏହି ଛକ ନିକଟରେ ଏକ ଅଜଣା ଗାଡି ତାଙ୍କ ବାଇକକୁ ପଛରୁ ଧକା ଦେଇ ଫେରାର ହୋଇଯାଇଥିଲା। ଫଳରେ ସର୍ବେଶ୍ୱର ରାସ୍ତା ମଝି ଡିଭାଇଡରକୁ ଧକା ଦେଇ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ଏହା ଦେଖି ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସରେ ସୋର ମେଡିକାଲରେ ଭର୍ତ୍ତି କରିବା ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ସୋର ପୁଲିସ ମେଡ଼ିକାଲରେ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ରଖିଛି।

# ବିଜେଡିରେ ମିଶିଲେ ବିଜେପି କର୍ମୀ

**ରାଜବରହମପୁର, ୨୦।୧(ସମିସ):** ନୀଳଗିରି ଅଧିନସ୍ଥ ଜଡ଼ିଦା ପଞ୍ଚାୟତ ର କିଛି ବିଜେପି କର୍ମୀ ନବୀନ ସରକାରଙ୍କ କାର୍ଯ୍ୟ ଓ ନୀତି ଆଦର୍ଶ କୁ ଭଲପାଇ ବିଜେଡ଼ି କର୍ମୀ ବିକାଶ ପତି ଓ ଭରତ କବାଟ ଙ୍କ ନେତୃତ୍ୱ ରେ ନୀଳଗିରି ନେତା ସନ୍ତୋଷ ଖଟୁଆ ଙ୍କ ନୀତି ଆଦର୍ଶ କୁ ଭଲପାଇ ତାଙ୍କଠାରେ ପହଞ୍ଚି ଦଳୀୟ ଉତ୍ତରୀୟ ଖଟୁଆଙ୍କ ଠାରୁ ଗ୍ରହଣ କରିଥିଲେ। ଜଡିଦା ପଞ୍ଚାୟତ ର ୱାର୍ଡ ମେମ୍ବର ତପନ ପାତ୍ର ଏବଂ ତାଙ୍କ ସହଯୋଗୀ ପ୍ରତାପ ଚନ୍ଦ୍ର ପାତ୍ର, ଗୌତମ ପାତ୍ର, ପବିତ୍ର ପାତ୍ର ବିଜେପି ଛାଡ଼ି ବିଜେଡି ରେ ସାମିଲ ହେବାପରେ ସେମାନେ ବହୁତ ଖୁସି ବୋଲି ମତ ପ୍ରକାଶ କରିଥିଲେ।



# ନୂଆ-ଓ କାର୍ଯ୍ୟକ୍ରମ ଉଦ୍‌ଯାପିତ ଓ ବାର୍ଷିକ ଉତ୍ସବ




**ଲଙ୍ଗଳେଶ୍ୱର, ୨୦।୧ (ସମିସ) :** ଜାମଶୂଳୀସ୍ଥିତ ଲକ୍ଷ୍ମୀ ନାରାୟଣ ମହାବିଦ୍ୟାଳୟ ରେ ନୂଆ - ଓ କାର୍ଯ୍ୟକ୍ରମର ଉଦଯାପନ ଉତ୍ସବ ଓ ମହାବିଦ୍ୟାଳୟ ର ବାର୍ଷିକ ଉତ୍ସବ ଶନିବାର ଅନୁଷ୍ଠିତ ହୋଇ ଯାଇଛି। ମହାବିଦ୍ୟାଳୟ ର ଅଧ୍ୟକ୍ଷ ପ୍ରାଧ୍ୟାପକ ଉମେଶ ଚନ୍ଦ୍ର ପ୍ରଧାନ ଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବାରିପଦା ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ଉପ ସଚିବ ପ୍ରାଧ୍ୟାପକ ଡ଼ଃ ଜୟଦେବ ପ୍ରାମାଣିକ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ମହାପୁରୁଷ ମାନଙ୍କ କଥା ଅବତାରଣା କରିବା ସହିତ ତାହାକୁ ଅନୁସରଣ କରିବାକୁ ଛାତ୍ର ଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ ।ମୁଖ୍ୟ ବକ୍ତା ଭାବରେ ବସ୍ତା ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଦିଲ୍ଲୀପ ଦାସ ମହାପାତ୍ର ଯୋଗ ଦେଇ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ଭାବରେ ମହାବିଦ୍ୟାଳୟ ର ପରିଚାଳନା କମିଟି ସଭାପତି ସୃଷ୍ଟିଧର ପାତ୍ର ଯୋଗ ଦେଇ ଉଦବୋଧନ ପ୍ରଦାନ କରିଥିଲେ। ନୋଡାଲ ଅଫିସର ପ୍ରାଧ୍ୟାପକ ଦେବବ୍ରତ ଦାସ ମଞ୍ଚ ଆହ୍ୱାନ, ପ୍ରାଧ୍ୟାପକ ଦିବ୍ୟେନ୍ଦୁ ଗିରି ଅତିଥି ପରିଚୟ, ପ୍ରାଧ୍ୟାପିକା ଲିପିକା ଜାନା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅତିଥି ମାନେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ମାନଙ୍କୁ ପୁରସ୍କାର ମାନପତ୍ର ପ୍ରଦାନ କରିଥିଲେ। ସର୍ବ ଶେଷରେ ପଦାର୍ଥ ବିଜ୍ଞାନ ବିଭାଗ ଅଧ୍ୟାପକ ପ୍ରଭାତ ରଞ୍ଜନ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ଗୁଜଡିହା କୈଳାସ ଚନ୍ଦ୍ର ହାଇସ୍କୁଲର ବାର୍ଷିକ ଉତ୍ସବ




**ସୋର, ୨୦।୧(ସମିସ):** ସୋର ବ୍ଲକ ଶିଙ୍ଗାଖୁଣ୍ଟା ପଞ୍ଚାୟତ ଗୁଜଡିହା କୈଳାଶଚନ୍ଦ୍ର ହାଇସ୍କୁଲର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମୁଖପତ୍ର ସାହିତ୍ୟ ସୃଜନୀ ଉନ୍ମୋଚିତ ହୋଇଥିଲା। ଉତ୍ସବର ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ ସୁଧାକର ନାୟକ ଯୋଗଦେଇ କହିଲେ ଯେ ବିଦ୍ୟାଳୟ ଏକ ମନ୍ଦିର ଏବଂ ଏଠାରେ ଶିକ୍ଷକମାନେ ହେଲେ ଜ୍ଞାନଦାତା ଭଗବାନ ସଦୃଶ। ଏହାର ଆକର୍ଷଣ ସ୍ୱତନ୍ତ୍ର, ଯେକୌଣସି ବିଦ୍ୟାଳୟରେ ପ୍ରବେଶ କଲେ ଆତ୍ମୀୟତାବୋଧ ସୃଷ୍ଟିହୋଇଥାଏ। ମୁଖ୍ୟ ବକ୍ତା ଭାବେ ଜିଲା କ୍ରୀଡ଼ା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଜେନା, ସମ୍ମାନିତ ଅତିଥି ଭାବେ ଅଗ୍ନିବେଣା ବିଜ୍ଞାନ ପତ୍ରିକାର ସମ୍ପାଦକ ଅଧ୍ୟାପକ ଡ. ପଙ୍କଜ କୁମାର ଜେନା ଯୋଗଦେଇ ବକ୍ତବ୍ୟ ରଖିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଗୋପବନ୍ଧୁ ବେଜଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭା ପ୍ରାରମ୍ଭରେ ବିଦ୍ୟାଳୟର ପ୍ରତିଷ୍ଠାତା ବଂଶୀଧର ବେହେରା ଏବଂ ଗୟାଧର ଜେନାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ବିଦ୍ୟାଳୟ କମିଟି ସଭାପତି ପ୍ରହ୍ଲାଦ ପଣ୍ଡା, ବିଧାୟକଙ୍କ ପ୍ରତିନିଧି ସୁନୀଲ ରଞ୍ଜନ ବିଶ୍ୱାଳ, ନନ୍ଦ କିଶୋର ନାୟକ, ସରପଞ୍ଚ ଅନାଦି ସାମଲ ଅତିଥି ଭାବେ ଯୋଗଦେଇଥିଲେ। ଶିକ୍ଷକ ଦାମୋଦର ପାଣିଗ୍ରାହୀ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପଣ୍ଡିତ ବିଷ୍ଣୁପଦ ପଣ୍ଡା ମଙ୍ଗଳାଚରଣ ପାଠ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଶିକ୍ଷକ ପ୍ରଦୀପ କୁମାର ନନ୍ଦୀ, ଭାସ୍କର ଚନ୍ଦ୍ର ବିଶ୍ୱାଳ, ରଘୁନାଥ ବେହେରା, ଗୋଲୋକ ପାଢ଼ୀ, ନରୋତ୍ତମ ପାତ୍ର, ଭ୍ରମରବର ସାହୁ, ରୁକ୍ମଣୀ ଭୋଇ ପରିଚାଳନା କରିଥିଲେ।

# ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ପ୍ରତିଯୋଗିତା


ରାଇବଣିଆ


ଜଳେଶ୍ୱର ବ୍ଲକ


ରୂପସା


ବାହାନଗା

**ରାଇବଣିଆ, ୨୦।୧(ସମିସ):**

ଓଲମରା ସୀମାନ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପକ୍ଷରୁ ନୂଆ ଓଡ଼ିଶା ଯୁବ ଓଡ଼ିଶା ଆନୁକୂଲ୍ୟରେ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହେଇଯାଇଛି। ଏହି କାର୍ଯ୍ୟାକ୍ରମକୁ ବିଦ୍ୟାଳୟର ଅଧକ୍ଷ ଅମରେନ୍ଦ୍ର ନାଥ ଦତ୍ତ ଉଦଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଅଧକ୍ଷ ତଥା ଗବେଷକ ଡ ଶ୍ରୀ କାନ୍ତ ଚରଣ ପାତ୍ର ଯୋଗ ଦେଇ ଓଡ଼ିଆ ଭାଷା ସାହିତ୍ୟ ସଂସ୍କୃତି ଓ ରାଇବଣିଆ ଦୁର୍ଗ ବିଷୟରେ ଆଲୋଚନା କରିଥିଲେ। ନୋଡାଲ ଅଫିସର ରମାକାନ୍ତ ଦେ ପରିଚାଳନା ଦାୟିତ୍ୱରେ ଉପସ୍ଥିତ ରହି ସମସ୍ତ କାର୍ଯ୍ୟକ୍ରମ କୁ ସୁଚାରୁରୂପେ ତୁଲେଇଥିଲେ। ଏହି କାର୍ଯ୍ୟକ୍ରମକୁ ସହଯୋଗ କରିଥିଲେ ଦର୍ଶନ ଶାସ୍ତ୍ର ବିଭାଗର ଅଧ୍ୟାପକ ମୂରଲୀ ଧର ମହାନ୍ତି, ଇଂରାଜୀ ଅଧ୍ୟାପକ ଦେବବ୍ରତ ପ୍ରଧାନ, ଅର୍ଥଶାସ୍ତ୍ର ଅଧ୍ୟାପକ ଦୈତାରୀ ପ୍ରସାଦ ଦେ, ଇତିହାସ ଅଧ୍ୟାପକ ଜ୍ଞାନେନ୍ଦ୍ର ନାଥ ରଣା ଲାଇବେରିଆନ ମଦନ କୁମାର ନାୟକ କ୍ରୀଡା ଶିକ୍ଷକ ଧନଞ୍ଜୟ ଦତ୍ତ, କନିଷ୍ଠ କିରାଣୀ ପ୍ରବୀର୍ ପ୍ରାମାଣିକ। ସଭା ଆରମ୍ଭରେ ଜଳେଶ୍ୱରର ପୂର୍ବତନ ବିଧାୟକ ଜୟନାରାୟଣ ମହାନ୍ତିଙ୍କ ଦେହାନ୍ତ ଉପଲକ୍ଷେ ଶୋକସଭା ପାଳନ ହୋଇଥିଲା।

**ଜଳେଶ୍ୱର ବ୍ଲକ :** ଜଳେଶ୍ୱର ମହିଳା ମହାବିଦ୍ୟାଳୟ ନୂଆ ଓ ଓଡ଼ିଆ ଭାଷା ସାହିତ୍ୟ ପ୍ରତିଯୋଗିତାର ଉଦଯାପନୀ ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି। ଉଦଯାପନୀ କାର୍ଯ୍ୟକ୍ରମରେ +୨ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧକ୍ଷ ଡ. ପ୍ରଫୁଲ୍ଲ କୁମାର ଦେ ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି କମଳାକାନ୍ତ ଚାନ୍ଦ, ମୁଖ୍ୟ ବକ୍ତା ଜଳେଶ୍ୱର ମହିଳା ମହା ବିଦ୍ୟାଳୟର ଅଧକ୍ଷ ଦିଲ୍ଲୀପ କୁମାର ଘୋଷ, ସମ୍ମାନିତ ଅତିଥି ଭାବେ ଡ. ଦୟାନିଧି ପ୍ରଧାନ, ଡକ୍ଟର ଲିପସା ଦାସ, ପ୍ରାଧ୍ୟାପିକା ଶାନ୍ତିଲତା ପାଢ଼ୀ, ଯୁକ୍ତ ତିନି ର ନୋଡାଲ ଅଫିସର ଅଧ୍ୟାପକ ସଂଗ୍ରାମ କେଶରୀ ପଟ୍ଟନାୟକ, ଯୁକ୍ତ ଦୁଇ ର ନୋଡାଲ ଅଫିସର ରତନ ମିଶ୍ର, ପ୍ରତିମ୍ ପତି ପ୍ରମୁଖ ବକ୍ତବ୍ୟ ରଖିଥିଲେ। ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇ ଥିବା କୃତି ପ୍ରତିଯୋଗୀଙ୍କୁ ପ୍ରମାଣ ପତ୍ର ସହିତ ନଗଦ ଆକାରରେ ଅର୍ଥ ରାଶି ପ୍ରଦାନ କରି ସମ୍ମାନୀତ କରାଯାଇଥିଲା। ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ମୁଖ୍ୟ ସୂର୍ଯ୍ୟକାନ୍ତ ବେହେରା ଧନ୍ୟବାଦ୍ ଅର୍ପଣ କରିଥିଲେ।

**ରୂପସା :** ରାଜ୍ୟ ସରକାରଙ୍କ ନୂଆ ଓ ଯୋଜନା ଆନୁକୂଲ୍ୟରେ ରୂପସା ନୀଳମଣି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଶନିବାର ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଉଦଯାପନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଡ. ତପନ କୁମାର ବେହେରା ଏହି ଉତ୍ସବରେ ଅଧ୍ୟକ୍ଷତା କରି ଓଡ଼ିଆ ଭାଷାକୁ ରୁଦ୍ଧିମନ୍ତ ପାଇଁ ସମସ୍ତେ ଆଗଭର ହେବା ଉଚିତ ବୋଲି କହିଥିଲେ। ମୁଖ୍ୟ ଅତିଥି ଗଭର୍ଣ୍ଣିଙ୍ଗ ବଡିର ପୂର୍ବତନ ସଭାପତି ବରଦା ପ୍ରସନ୍ନ ପଟ୍ଟନାୟକ ଯୋଗ ଦେଇ ଓଡ଼ିଆ ଭାଷାର ସ୍ୱତନ୍ତ୍ରତା ପାଇଁ ବାଲେଶ୍ୱର ବାସୀଙ୍କ ଅବଦାନ ସ୍ମରଣୀୟ ବୋଲି ବକ୍ତବ୍ୟରେ କହିଥିଲେ। ସମ୍ମାନିତ ଅତିଥି ଜିଲା ପରିଷଦ ସଭ୍ୟ ସଞ୍ଜୟ କୁମାର ସେଠୀ, ଶୁଭେଚ୍ଛୁ ତପନ ନାୟକ, ପ୍ରଶାସନିକ ଅଧିକାରୀ ପ୍ରାଧ୍ୟାପକ ସରୋଜ କୁମାର ପାଣି ଯୋଗ ଦେଇ ବକ୍ତବ୍ୟ ରଖିଥିଲେ। ଯୁକ୍ତ ୩ ନୋଡାଲ ଅଫିସର ଅଧ୍ୟାପକ ହରେନ୍ଦ୍ର ଗାଁଣ ଓ ଯୁକ୍ତ ୨ ନୋଡାଲ ଅଫିସର ଅଧ୍ୟାପକ ଶ୍ରୀଧର ବେହେରା ସ୍ୱାଗତ ବକ୍ତବ୍ୟ ଦେଇଥିଲେ। ଅଧ୍ୟାପିକା ରଶ୍ମିତା ମହାପାତ୍ର ଅତିଥି ପରିଚୟ ଓ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଏହି ଅବସରରେ ମୁଖ୍ୟ ଅତିଥିଙ୍କୁ ସମ୍ବର୍ଦ୍ଧିତ ପୂର୍ବକ କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ଓ ପୁରସ୍କାର ବିତରଣ କରାଯାଇଥିଲା। କମିଟି ମେମ୍ବର ପ୍ରାଧ୍ୟାପିକା ନୀଳିମା ପାତ୍ର, ଅଧ୍ୟାପିକା ପିନାକ୍ଷୀ ପଣ୍ଡା, ରଶ୍ମିତା ମହାପାତ୍ର, ଅଧ୍ୟାପକ ଚନ୍ଦନ କୁମାର ଦାସ ଓ ପ୍ରଶାନ୍ତ ସିଂଙ୍କ ତତ୍ତ୍ୱାବଧାନରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ।ଅଧ୍ୟାପକ ଚନ୍ଦନ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

**ବାହାନଗା :** ବାହାନଗା ବ୍ଲକ ଅଭଣା ସ୍ଥିତ ବେଳାଭୂମି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ବେଳାଭୂମି ମହାବିଦ୍ୟାଳୟରେ ଓଡ଼ିଶା ସରକାରଙ୍କ 'ବିଶ୍ୱ ଓ?ଆ ଭାଷା ସମ୍ମିଳନୀ ଓ 'ଶ୍ରୀ ମନ୍ଦିର ପରିକ୍ରମା ପ୍ରକଳ୍ପ' ପରିପ୍ରେକ୍ଷୀରେ ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା କ୍ରମରେ ଓ?ଆ କବିତା ପାଠ ଓ ଓଡ଼ିଆ ହସ୍ତାକ୍ଷର ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଜୟ କିଶୋର ପଣ୍ଡା ଉଦଘାଟନ କରିବା ସହ ଛାତ୍ର ଛାତ୍ରୀମାନଙ୍କୁ ସରକାରଙ୍କ ପ୍ରୟୋଜିତ କାର୍ଯ୍ୟକ୍ରମର ଉଦ୍ଦେଶ୍ୟକୁ ଚରିତାର୍ଥ କରିବାକୁ ଆହ୍ୱାନ ଦେଇଥିଲେ। ଅଧ୍ୟକ୍ଷ ଅଜୟ କୁମାର ପାଢ଼ୀ ଓଡ଼ିଆ ସାହିତ୍ୟ ଓ ଜଗନ୍ନାଥ ସଂସ୍କୃତିର ବିକାଶ ଓ ସୁରକ୍ଷା ପାଇଁ ଯତ୍ନବାନ ହେବାକୁ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ପ୍ରାଧ୍ୟାପକ ଅନନ୍ତ ଚନ୍ଦ୍ର ସାହୁ ଛାତ୍ରଛାତ୍ରୀଙ୍କ ଚେତନା ଓ କଳାର ବିକାଶରେ ସରକାରଙ୍କ କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ନୋଡ଼ାଲ ଅଫିସର ଡ଼ଃ ପ୍ରଶାନ୍ତ କୁମାର ରାଉତ ଏହି କାର୍ଯ୍ୟକ୍ରମର ବିଭିନ୍ନ ଦିଗ ଉପରେ ଛାତ୍ରଛାତ୍ରୀଙ୍କୁ ଅବଗତ କରାଇଥିଲେ। ପ୍ରତିଯୋଗିତାକୁ ଅଧ୍ୟାପିକା ମମତା ପଣ୍ଡା, ମଧୁସ୍ମିତା ମହାନ୍ତି, ବିଦ୍ୟାଭାରତୀ ପଣ୍ଡା, ଅଧ୍ୟାପକ ରବିନାରାୟଣ ଦାଶ ଓ ଅଶୋକ କୁମାର ନାଏକ ମହାବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ ଅଧ୍ୟାପକ ଅଧ୍ୟାପିକା ଓ କର୍ମଚାରୀ ପୂର୍ଣ୍ଣ ସହଯୋଗ ପ୍ରଦାନ କରିଥିଲେ।

### ଅବହେଳିତ ରାମତୀର୍ଥ କୁମ୍ଭୀର ପ୍ରଜନନ କେନ୍ଦ୍ର

# ଏବେ ଅଛନ୍ତି ୬; ପ୍ରଶାସନ ନିଦ୍ରାବିଷ୍ଟ

କରଞ୍ଜିଆ, ୨୦।୧(ସମିସ): ମୟୂରଭଞ୍ଜ ଜିଲ୍ଲା ଯଶିପୁର ବଜାର ନିକଟରେ ଥିବା ରାମତୀର୍ଥ କୁମ୍ଭୀର ପ୍ରଜନନ ପ୍ରକଳ୍ପ ଦିନେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ବେଳେ ଆଜି ପ୍ରଶାସନିକ ଉଦାସୀନତା ଯୋଗୁଁ ତାହା ଅବହେଳିତ ଅବସ୍ଥାରେ ଗତି କରୁଛି। ଏହି ପ୍ରଜନନ ଓ ଗବେଷଣା କେନ୍ଦ୍ର ୧୯୭୯ ମସିହାରେ ରାମତୀର୍ଥଠାରେ ପ୍ରତିଷ୍ଠା କରାଯାଇଥିଲା। ଏବେ କିନ୍ତି ଏହି କେନ୍ଦ୍ର ବନ୍ଦ ରହିଛି। ଯେଉଁଠି ଦିନେ ଶହ ଶହ କୁମ୍ଭୀର ରହୁଥିଲେ, ଆଜି କେବଳ ୬ଟି କୁମ୍ଭୀର ରହିଛନ୍ତି। ବିରଳ ପ୍ରଜାତିର ଗୋମୁହାଁ କୁମ୍ଭୀର ଭାରତରେ ଲୋପ ପାଇଯିବାର ଆଶଙ୍କା କରି ସରକାର ବିଭିନ୍ନ ସ୍ଥାନରେ କୁମ୍ଭୀର ପ୍ରଜନନ କେନ୍ଦ୍ର ସ୍ଥାପନା କରିଛନ୍ତି। ରାମତୀର୍ଥ ସ୍ଥାନଟି ଶିମିଳିପାଳରୁ ବାହାରିଥିବା ଖଇରି-ଭଣ୍ଡନ ନଦୀ କୂଳରେ ଅବସ୍ଥିତ। ପ୍ରାକୃତିକ ପରିବେଶକୁ ଆଖି ଆଗରେ ରଖି ଏହି ସ୍ଥାନରେ କୁମ୍ଭୀର ପ୍ରକଳ୍ପ ଆରମ୍ଭ କରାଯାଇଥିଲା। ଏଠାରେ ଗୋମୁହାଁ ପ୍ରଜାତିର କୁମ୍ଭୀର ଉପରେ ବିଶେଷ କରି ଗବେଷଣା କରାଯାଉଥିଲା। ପ୍ରଥମେ



ତାମିଲନାଡୁରୁ ୨୪ଟି କୁମ୍ଭୀରକୁ ଅଣାଯାଇ ଗବେଷଣା ଆରମ୍ଭ ହୋଇଥିଲା। ପରେ ଗବେଷଣା ପାଇଁ ୧୯୮୮ ମସିହାରେ ନନ୍ଦନକାନନରୁ ୧୨ଟି କୁମ୍ଭୀର ଶାବକ ଏଠାକୁ ଅଣାଯାଇଥିଲା। ସମୟକ୍ରମେ ଏହି କୁମ୍ଭୀର ଭଲ ଭାବେ ବଢ଼ି ପାରୁଥିଲେ। ଏଠାରେ ଗବେଷଣା ସହିତ ପ୍ରଜନନ ମଧ୍ୟ କରାଯାଉଥିଲା। ଏପରିକି ୧୯୮୮ରୁ ୧୯୮୭ ମସିହା ମଧ୍ୟରେ ୧୫୧୭ଟି ଅଣ୍ଡା ସଂଗ୍ରହ କରାଯାଇଥିଲା। ପରବର୍ତ୍ତୀ ସମୟରେ ଏହି ଅଣ୍ଡା ଉପରେ ଗବେଷଣା କରି କୁମ୍ଭୀର ପ୍ରଜନନ ମଧ୍ୟ ହୋଇଥିଲା। ଏହି କେନ୍ଦ୍ରରୁ




ଶିମିଳିପାଳର ବିଭିନ୍ନ ନଦୀରେ ୭୦୦ରୁ ଊର୍ଦ୍ଧ୍ୱ କୁମ୍ଭୀର ଛଡାଯାଇଥିଲା। ତେବେ ୨୦୨୦ କୁମ୍ଭୀର ଗଣନା ଅନୁଯାୟୀ ରାମତୀର୍ଥରେ ୮ଟି କୁମ୍ଭୀର ଥିବାବେଳେ ୨୦୨୨ରେ ମାତ୍ର ୬ଟି ରହିଛି। ଏହି ପ୍ରଜନନ କେନ୍ଦ୍ରକୁ ଦେଖିବା ପାଇଁ ଦେଶ ବିଦେଶରୁ ବହୁ ପର୍ଯ୍ୟଟକଙ୍କ ସୁଅ ଛୁଟୁଥିଲା; କିନ୍ତୁ ଏବେ ଅଳ୍ପ ସଂଖ୍ୟକ କୁମ୍ଭୀର ଥିବାରୁ ପର୍ଯ୍ୟଟକଙ୍କ ସଂଖ୍ୟା ମଧ୍ୟ ଧୀରେ ଧୀରେ କମିବାରେ ଲାଗିଛି; ଯାହାର ସିଧାସଳଖ ପ୍ରଭାବ ପଡ଼ିଛି ପର୍ଯ୍ୟଟନ ଉପରେ। ଏଥିପ୍ରତି ସରକାର ଦୃଷ୍ଟି ଦେଇ ପୁନର୍ବାର ଗବେଷଣା ଓ ପ୍ରଜନନ କେନ୍ଦ୍ର ଆରମ୍ଭ କରାଗଲେ ରାମତୀର୍ଥ ପୂର୍ବ ଗାରିମା ରଖିପାରନ୍ତା ବୋଲି ପର୍ଯ୍ୟଟକମାନେ ମତପ୍ରକାଶ କରିଛନ୍ତି। ତେବେ ରାମତୀର୍ଥ ଏକ ପର୍ଯ୍ୟଟନ କ୍ଷେତ୍ରଭାବରେ ପରିଗଣିତ ହେଉଥିବା ବେଳେ ଏବେ ପ୍ରଶାସନର ଦୃଷ୍ଟିଆଢୁଆଳରେ ରହିଛି। ଏହାର ପାରିପାର୍ଶ୍ୱିକ ବିକାଶ ସହ ବନ୍ଦ ରହିଥିବା କୁମ୍ଭୀର ପ୍ରଜନନ ଏବଂ ଗବେଷଣାକୁ ତୁରନ୍ତ ଖୋଲିବାକୁ ଦାବି ଜୋର ଧରିଲାଣି। ତେଣୁ ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହେଉଛି।

## ବାରିପଦା-ରାଇରଙ୍ଗପୁର ବସ ମାଲିକଙ୍କ ବିବାଦ; ଯାତ୍ରୀ ହନ୍ତସନ୍ତ



ବହଳଦା, ୨୦।୧(ସମିସ): ମକର ପାଇଁ ଦୂରଦୂରାନ୍ତରୁ ବନ୍ଧୁ ଘରକୁ ଆସିଥିବା ଲୋକେ ଏବେ ବାରିପଦା-ରାଇରଙ୍ଗପୁର ବସ ମାଲିକଙ୍କ ବିବାଦ ଯୋଗୁ ହନ୍ତସନ୍ତ ହେଉଛନ୍ତି। ନିର୍ଦ୍ଦିଷ୍ଟ ଏକ ବସର ସମୟ ନିର୍ଘଣ୍ଟକୁ ନେଇ ଏ ବିବାଦ କିଛି ଦିନ ହେଲା ଲାଗିରହିଛି। ବାରିପଦାର ଜୈନେକ ବସ ମାଲିକଙ୍କ ଜିଦଖୋର ମନୋବୃତ୍ତି ପାଇଁ ସମାଧାନର କୌଣସି ବାଟ ଫିଟୁନାହିଁ। ଫଳରେ ରାଇରଙ୍ଗପୁର ଅଞ୍ଚଳର କୌଣସି ମାଲିକଙ୍କ ବସ୍ ବାରିପଦା ଯାଉନାହିଁ। ସେହିପରି ବାରିପଦା ପଟୁ ମଧ୍ୟ କୌଣସି ବସ ରାଇରଙ୍ଗପୁର ଆସୁନାହିଁ। ଫଳରେ କର୍ମଚାରୀ, ବ୍ୟବସାୟୀ, ଛାତ୍ରଛାତ୍ରୀ ସମେତ ସାଧାରଣ ଜନତା ନାହିଁ ନଥିବା ଅସୁବିଧା ଭୋଗୁଛନ୍ତି। ଏପଟେ ପ୍ରଶାସନ କି ପରିବହନ ବିଭାଗୀୟ ଅଧିକାରୀ ବିବାଦର ସମାଧାନ ପାଇଁ କୌଣସି ତତ୍ପରତା ଦେଖାଉନାହାନ୍ତି। ତେଣୁ ଏହି ବିବାଦ ଆହୁରି ବଢ଼ିବାରେ ଲାଗିଛି। ଜିଲ୍ଲାପାଳ ତୁରନ୍ତ ହସ୍ତକ୍ଷେପ କରି ବସ୍ ଚଳାଚଳ ସ୍ୱାଭାବିକ କରିବାକୁ ସାଧାରଣରେ ଦୃଢ଼ ଦାବି ହେଉଛି।

## ନିଆଁମଡ଼ା ପାଇଁ ବେଲପୋଷି ଚଳଚଞ୍ଚଳ

ଜାମଦା, ୨୦।୧(ସମିସ): ଜାମଦା ବ୍ଲକ ଅନ୍ତର୍ଗତ ବେଲପୋଷି ଗ୍ରାମରେ ନିଆଁମଡା ପାଇଁ ଚଳଚଞ୍ଚଳ। ପ୍ରତିବର୍ଷ ଜାନୁୟାରୀ ୨୧ ତାରିଖରେ ନିଆଁ ମଡା ବା ଖଣ୍ଡାମଡା ପଡ଼ିଥାଏ। ଏହାକୁ ଆଦିବାସୀ ସମ୍ପ୍ରଦାୟର ଲୋକେ ବହୁ ପୂର୍ବରୁ ପାଳନ କରିଆସୁଛନ୍ତି। ତେବେ ଏହାକୁ ଆଦିବାସୀ ଭାଷାରେ ସେଙ୍ଗେଲ ଲେବେଦ କୁହାଯାଏ। ଭଲ କୃଷି, ଠିକ୍ ସମୟରେ ବର୍ଷା, ଗ୍ରାମର ମଙ୍ଗଳ କାମନା ପୂର୍ବକ ଏହି ନିଆଁମଡା ପାଳନ ହୋଇଥାଏ। ଗ୍ରାମ ଦେବାଦେବୀଙ୍କୁ ଆବାହନ କରିବା ସହିତ ଭକ୍ତମାନେ ଉପାସ ରହି ଅଙ୍ଗରା ନିଆଁ ଉପରେ ଚାଲିଥାନ୍ତି। ଏହି ଅବସରରେ ଗ୍ରାମରେ ବିଭିନ୍ନ ପ୍ରକାର କଳାକୃତି ଚିତ୍ର ଅଙ୍କନ କରି ନିଜ ଘରର କାନ୍ଥକୁ ସଜାଇଥାନ୍ତି। ଏଥିସହିତ ଗ୍ରାମ ଦେବତାଙ୍କୁ ସ୍ୱାଗତ କରିବା ପାଇଁ ସମଗ୍ର ଗ୍ରାମକୁ ବିଭିନ୍ନ ରଙ୍ଗରେ ସଜେଇଥାନ୍ତି। ଏହା ଆଦିବାସୀମାନଙ୍କ ଗ୍ରାମ ଦେବତା ଏବଂ ଅନ୍ୟ ଦେବତାଙ୍କ ପ୍ରତି ଥିବା ଭଲପାଇବା, ବିଶ୍ୱାସ, ନିଷ୍ଠା ଏବଂ ଆଦିବାସୀ କଳାକୃତି, ଚିତ୍ର ଶୈଳୀରେ ଥିବା ଆଗ୍ରହ ଏବଂ ନିପୁଣତାକୁ ମଧ୍ୟ ଦର୍ଶାଇଥାଏ। ଏହାସହ ଗ୍ରାମର ଲୋକ ଯିଏ ଯେଉଁଠି ରହୁଥିଲେ ମଧ୍ୟ ଏହିଦିନ ସମସ୍ତେ ଗ୍ରାମ ବାହୁଡା ହୋଇଥାଆନ୍ତି। ଏକାଠି ହୋଇ ଗାଁର ଆନନ୍ଦ ଉଠାନ୍ତି। ଘରେ ଘରେ ବନ୍ଧୁବାନ୍ଧବ ଭର୍ତ୍ତି। ନିଆରା ଢଙ୍ଗରେ ଗ୍ରାମବାସୀ ଏକାଠି ହୋଇ ଗୋଟିଏ ସ୍ଥାନରେ ଆଦିବାସୀ ଢୋଲ, ମୃଦମାଦଙ୍ଗ ବଜାଇ ନୃତ୍ୟ କରିଥାନ୍ତି। ଏହା ନିଆଁମଡାଠାରୁ ଆରମ୍ଭ ହୋଇ ୧୦ରୁ ୧୨ ଦିନ ଯାଏ ଚାଲିଥାଏ।



## ଫୁଟବଲ ଟୁର୍ଣ୍ଣାମେଣ୍ଟ; ଖିରପଦା ଦଳ ଚାମ୍ପିଅନ

ବଡସାହି, ୨୦।୧(ସମିସ): ମକର ସଂକ୍ରାନ୍ତି ଅବସରରେ ଦେଉଳିଆ ପଞ୍ଚାୟତ ପୁରୁଣାପାଣି ଗ୍ରାମର ସାଗେନ ସାରନା ଜୁଆନ ଗାଁଉତା କ୍ଲବ ଆନୁକୂଲ୍ୟରେ ୪୯ତମ ଦିନିକିଆ ଫୁଟବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ ୮ଟି ଦଳ ଅଂଶ ଗ୍ରହଣ କରିଥିଲେ। ଉନ୍ନତ ଖେଳ ପ୍ରଦର୍ଶନ କରି ଖିରପଦା ଫୁଟବଲ ଦଳ ଓ ଖଡିଶୋଳ ଯମୁନା ଫୁଟବଲ ଦଳ ଫାଇନାଲକୁ ଉନ୍ନୀତ ହୋଇଛନ୍ତି। ତେବେ ନିର୍ଦ୍ଧାରିତ ସମୟରେ କେହି କାହାରିକୁ ଗୋଲ ଦେଇ ପାରି ନ ଥିଲେ। ଫଳରେ ଟ୍ରାଇବ୍ରେକରର ସହାୟତା ନିଆଯାଇଛି। ଏଥିରେ ଖିରପଦା ଦଳ ୫-୪ ଗୋଲରେ ଖଡିଶୋଳ ଯମୁନା ଦଳକୁ ହରାଇ ଚଳିତ ବର୍ଷ ଚାମ୍ପିଅନ ହୋଇଛି। ଏହି ଅବସରରେ ଚମ୍ପିଆନ ଓ ରନର୍ସ ଅପ୍ ଦଳକୁ ପୁରସ୍କୃତ କରିବା ପାଇଁ ଏକ ପୁରସ୍କାର ବିତରଣ ଉତ୍ସବ ସଭାପତି ସପନ ମୁର୍ମୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଛି। ମୁଖ୍ୟ ଅତିଥି ଭାବେ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧକ୍ଷ୍ୟ ଡକ୍ଟର ଦେବାଶିଷ ମାରାଣ୍ଡି, ସମ୍ମାନିତ ଅତିଥି ଭାବେ ଜିଲ୍ଲା ସମବାୟ ସମିତିର ଅଧକ୍ଷ ସୁବ୍ରମଣ୍ୟମ ମହାନ୍ତି, ପୂର୍ବତନ ବିଧାୟକ ଗଣେଶ୍ୱର ପାତ୍ର, ବ୍ଲକ ଅଧକ୍ଷା ମିନତୀ ସିଂ, ଉପାଧକ୍ଷ୍ୟ କାଞ୍ଚନ କୁମାର ପ୍ରଧାନ, ଜିଲ୍ଲା ପରିଷଦ ସଦସ୍ୟା ସୁବାସିନୀ ନାଏକ, ବ୍ଲକ ସଭାପତି ତପନ କୁମାର ପତି ପ୍ରମୁଖ ଯୋଗ ଦେଇ ଚମ୍ପିଆନ ଓ ରନର୍ସ ଅପ୍ ଦଳକୁ ପୁରସ୍କାର ପ୍ରଦାନ କରିଛନ୍ତି। ପ୍ରାରମ୍ଭରେ ମାଝୀ ହାଡାମ ପେଲକା ମୁର୍ମୁ ପୂଜାପାଠ କରିବ ଖେଳକୁ ଉଦଘାଟନ କରିଥିଲେ। ବିଜୟ ମାଝୀଙ୍କ ନେତୃତ୍ୱରେ ରେଫରିମାନେ ଖେଳ ପରିଚାଳନା କରିଥିଲେ। ମହାନ୍ତି ହାଁସଦା ଓ ମଙ୍ଗଲ ହାଁସଦା ହେମ୍ବ୍ରମ୍ ଧାରା ବିବରଣୀ ଦେଇଥିଲେ। କ୍ଲବ ପକ୍ଷରୁ ସମ୍ପାଦକ ପୁରୁଷୋତ୍ତମ ହେମ୍ବ୍ରମ୍, ମଙ୍ଗଲ ହାଁସଦା, ଛତିଶ ଚନ୍ଦ୍ର ହେମ୍ବ୍ରମ୍, ସାଲକୁ ହେମ୍ବ୍ରମ୍, ସୁଜିତ କୁମାର ହେମ୍ବ୍ରମ୍, ସୁବାଶିଷ ହେମ୍ବ୍ରମ୍, ଜାନୁରାମ ହେମ୍ବ୍ରମ୍, ମଦନ ସୋରେନ ପ୍ରମୁଖ ସହଯୋଗ କରିଥିଲେ।



## ବିଷପିଇ ମହିଳାଙ୍କ ମୃତ୍ୟୁ; ସ୍ୱାମୀ ଗିରଫ

କଳାବାଡ଼ିଆ, ୨୦।୧( ସମିସ): ବାଙ୍ଗିରିପୋଷି ଥାନା ଧୋବଣୀଶୋଳ ଗ୍ରାମର ଶ୍ରୀକାନ୍ତ ଦଳେଇ (୩୦)ଙ୍କ ପତ୍ନୀ ରଞ୍ଜିତା ଦଳେଇ ବିଷପିଇ ଗୁରୁତର ହୋଇଥିଲେ। ତାଙ୍କୁ ବାଙ୍ଗିପୋଷି ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଲା ପରେ ଡାକ୍ତରମୃତ ଘୋଷଣା କରିଥିଲେ। ଚାନ୍ଦୁଆ ଥାନା ପଥରା ଗ୍ରାମରୁ ଝିଅର ବାପଘର ଲୋକ ଥାନାରେ ମୃତ୍ୟୁ ଆତ୍ମହତ୍ୟା ନୁହେଁ ହତ୍ୟା ବୋଲି ଅଭିଯୋଗ କରିଛନ୍ତି। ଏନେଇ ଝିଅର ମା' ଆରତୀ ବେହେରା ଶାଶୂ, ଶଶୁର ଓ ସ୍ୱାଇଁଙ୍କ ବିରୋଧରେ ହତ୍ୟା ଅଭିଯୋଗ କରିଛନ୍ତି। ତାଙ୍କ ଝିଅକୁ କୁଆଡେ ତକିଆ ଦେଇ ମାରିଦେଇଥିବା ସେ ଅଭିଯୋଗ କରିଛନ୍ତି। ପୁଲିସ ଅଭିଯୋଗ ପାଇ ସ୍ୱାମୀ ଶ୍ରୀକାନ୍ତଙ୍କୁ ଗିରଫ କରିଛି। ଶନିବାର ଡାକ୍ତରୀମାଇନା ପରେ କୋର୍ଟ ଚାଲାଣ ହେବ।

## ହାତୀ ଆକ୍ରମଣରେ ଯୁବତୀ ଗୁରୁତର

ଖୁଣ୍ଟା, ୨୦।୧(ସମିସ): ଖୁଣ୍ଟା ବ୍ଲକ ତଥା ଡୁକୁରା ବନ୍ୟପ୍ରାଣୀ ବିଭାଗ ଅଧୀନ ଶାଳବଣୀ ଗ୍ରାମରେ ହାତୀ ଆକ୍ରମଣରେ ଜଣେ ଯୁବତୀ ଗୁରୁତର ହୋଇଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, ଖାଦ୍ୟ ଅନ୍ୱେଷଣରେ ଶିମିଳିପାଳ ଅଭୟାରଣ୍ୟରୁ ବାଟହୁଡ଼ି ଏକ ଦନ୍ତା ଗତ କିଛିଦିନ ଧରି ବିଭିନ୍ନ ଅଞ୍ଚଳରେ ଉପଦ୍ରବ କରୁଥିଲା। ଉକ୍ତ ଦନ୍ତାକୁ ବନବିଭାଗ ପକ୍ଷରୁ ଅଭୟାରଣ୍ୟକୁ ଘଉଡ଼ାଇ ଦିଆଯାଇଥିଲେ ମଧ୍ୟ ପୁଣି ଶୁକ୍ରବାର ରାତିରେ ଖୁଣ୍ଟା ବ୍ଲକ ବାଙ୍ଗରା ପଞ୍ଚାୟତର ବିଭିନ୍ନ ଅଞ୍ଚଳରେ ଦୃଶ୍ୟମାନ ହୋଇଥିଲା; ଯାହାକୁ ନେଇ ବନ ବିଭାଗ ପକ୍ଷରୁ ଦନ୍ତାଟିର ଗତିବିଧି ଉପରେ ନଜର ରଖିବା ସହ ଅଭୟାରଣ୍ୟ ମଧ୍ୟକୁ ଘଉଡାଇବା ପାଇଁ ପ୍ରୟାସ ଜାରି ରଖିଥିଲେ। ମାତ୍ର ରାତିରେ ଶାଳବଣୀ ଗ୍ରାମ ଦେହୁରୀସାହିର ଚୈତନ ଟୁଡୁଙ୍କ ଝିଅ ସୁମତୀ ବାହାରକୁ ଉଠିଥିବା ବେଳେ ଦନ୍ତା ଆକ୍ରମଣ କରିଥିଲା। ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ପ୍ରଥମେ ଡୁକୁରା ଏବଂ ପରେ ଉଦଳା ଉପଖଣ୍ଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ହାତୀଟିକୁ ବନବିଭାଗ ଅଭୟାରଣ୍ୟକୁ ଘଉଡ଼ାଇ ଦେଇଥିବା ଜଣାପଡ଼ିଛି। ତେବେ ବିଭିନ୍ନ ସମୟରେ ଖାଦ୍ୟ ଅନ୍ୱେଷଣରେ ହାତୀ ଶିମିଳିପାଳ ଅଭୟାରଣ୍ୟର ପାଦଦେଶରେ ଥିବା ଗ୍ରାମକୁ ପ୍ରବେଶ କରୁଥିବା ନେଇ ବନ ବିଭାଗ ପକ୍ଷରୁ ଡାକବାଜି ଯନ୍ତ୍ର ସାହାଯ୍ୟରେ ଜନସାଧାରଣଙ୍କୁ ସତର୍କ କରାଯିବା ପାଇଁ ବାର୍ତ୍ତା ବଣ୍ଟନ କରାଯାଉଛି। ଅପରପକ୍ଷେ ହାତୀ ଆକ୍ରମଣର ଶିକାର ହୋଇଥିବା ଯୁବତୀ ଜଣକଙ୍କ ସ୍ୱାସ୍ଥ୍ୟବସ୍ଥା ସ୍ଥିର ଥିବା ବନ ବିଭାଗ ସୂଚନା ଦେଇଛି।

## ଆର୍‌ଡିଏସ୍ ଡିଗ୍ରୀ କଲେଜରେ ଓଡ଼ିଆ ପାଠଚକ୍ର

ଉଦଳା, ୨୦।୧(ସମିସ): କୁଣ୍ଡାବାଇ ଆରଡିଏସ୍ ଡିଗ୍ରୀ ମହାବିଦ୍ୟାଳୟରେ 'ନୂଆ-ଓ' ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା ଅନ୍ତର୍ଗତ ବିଶ୍ୱ ସଂହତି ପାଇଁ ଜଗନ୍ନାଥ ଦର୍ଶନର ପ୍ରଭାବ ଶୀର୍ଷକ ଉପରେ ଏକ ଓଡ଼ିଆ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ମୁଖ୍ୟ ଅତିଥି ଓ ସମସ୍ତ ମଞ୍ଚାସୀନ ଅତିଥିବୃନ୍ଦ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପୁଷ୍ପ ମାଲ୍ୟ ଅର୍ପଣ କରି ପାଠଚକ୍ରକୁ ଉଦଘାଟନ କରିଥିଲେ। ଏହି ପାଠଚକ୍ରରେ ମହବିଦ୍ୟାଳୟର ଅଧକ୍ଷ ଡ. ପ୍ରଦୀପ କୁମାର ଗିରି ସଭାପତିତ୍ୱ କରି ବିଶ୍ୱ ବ୍ରହ୍ମାଣ୍ଡରେ ଶ୍ରୀଜଗନ୍ନାଥଙ୍କ ଦର୍ଶନ ହେଉଛି ସମନ୍ୱିତ ଚେତନାର ମହାନୀୟ ଆଧାର। ଏଥିସହିତ ଜଗନ୍ନାଥ ଧର୍ମ ଓ ଦର୍ଶନ ଦ୍ୱାରା ସୁଖ, ଶୁଭ, ସୌଭାଗ୍ୟ ସହିତ ବିଶ୍ୱ ମାନବର କଲ୍ୟାଣ କିପରି ହୋଇପାରିବ ସେ ନେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଭାବେ ପ୍ରାକ୍ତନ ପ୍ରଫେସର ତଥା ଓଡିଆ ଜଗନ୍ନାଥ ସଂସ୍କୃତିର ଉପ-ସଭାପତି ଡ. ଜଗତ୍‌ବନ୍ଧୁ ଆଚାର୍ଯ୍ୟ ଯୋଗଦେଇ ଶ୍ରୀ ଜଗନ୍ନାଥଙ୍କ ଧର୍ମ ଓ ଦର୍ଶନରେ ଅଦ୍ୟାପି ସମଗ୍ର ବିଶ୍ୱରେ ଶାନ୍ତି, ମୈତ୍ରୀ, ମାନବିକତା ପ୍ରତିଷ୍ଠା ଦିଗରେ ଏକମାତ୍ର ଆଦର୍ଶ ଦର୍ଶନ ହେଉଛି ଜଗନ୍ନାଥ ଦର୍ଶନ ଯିଏକି ସମର୍ପଣ ଏବଂ ଭାବର ଠାକୁର ତାଙ୍କ ଶ୍ରୀକ୍ଷେତ୍ରରେ ସମସ୍ତେ ସମାନ ବୋଲି କହିଥିଲେ। ମୁଖ୍ୟ ବକ୍ତା ଭାବେ ବାବା ପଞ୍ଚୁଲିଙ୍ଗେଶ୍ୱର ଡିଗ୍ରୀ ମହାବିଦ୍ୟାଳୟ, ସନ୍ତରାଗଡ଼ିଆର ପ୍ରାଧ୍ୟାପକ ଡ. ଅକ୍ଷୟ କୁମାର ପାଣିଗ୍ରାହୀ ଯୋଗଦେଇ ମଣିଷ ଜାତି ଏକ ଓ ଅଭିନ୍ନ ବୋଲି ଚିନ୍ତା କରିବା ଏବଂ ନିଜର ସ୍ୱାର୍ଥକୁ ଜଳାଞ୍ଜଳି ଦେଇ ଅନ୍ୟର ସ୍ୱର୍ଥକୁ ପ୍ରତିଷ୍ଠା କରିବା ହେଉଛି ଜଗନ୍ନାଥ ଦର୍ଶନର ବୈଶିଷ୍ଟ୍ୟ ବୋଲି କହିଥିଲେ। ନୋଡାଲ ଅଫିସର ଡ. ଅକ୍ଷୟ କୁମାର ଗିରି ଆଲୋଚ୍ୟ ବିଷୟ ବସ୍ତୁର ଉଦ୍ଦେଶ୍ୟ ବିଷୟ ଉପରେ ଆଲୋକପାତ କରିଥିଲେ। ଇଂରାଜୀ ବିଭାଗର ମୁଖ୍ୟ ଡ. ଅଜିତ କୁମାର ମହାପାତ୍ର ସ୍ୱାଗତ ଭାଷଣ ଓ ଶିକ୍ଷା ବିଭାଗର ମୁଖ୍ୟ ଅଧ୍ୟାପକ ଦିଲ୍ଲୀପ କୁମାର ପ୍ରମାଣିକ ଧନ୍ୟବାଦ ଅର୍ପଣ କରିଥିଲେ।

## ଧର୍ମ ପରାୟଣାଙ୍କ ପରଲୋକ

ଜାମଦା, ୨୦।୧(ସମିସ): ଜାମଦା ବ୍ଲକ ଅନ୍ତର୍ଗତ ଜାମଦା ଗ୍ରାମର କୁନ୍ତଳା ପ୍ରଧାନ (୭୯)ଙ୍କ ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ସେ ଜଣେ ଧର୍ମପରାୟଣା, କର୍ତ୍ତବ୍ୟ ନିଷ୍ଠା ଏବଂ ପରୋପକାରୀ ମହିଳା ଥିଲେ। ମୃତ୍ୟୁଶଯ୍ୟା ନିକଟରେ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ଗ୍ରାମରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ତାଙ୍କ ବିୟୋଗରେ ଶୋକ ପ୍ରକାଶ ପାଇଛି।

## ସ୍ୱତନ୍ତ୍ର ଉନ୍ନୟନ ପରିଷଦ ପକ୍ଷରୁ ସାଂସ୍କୃତିକ ଗୃହ ଉଦ୍‌ଘାଟିତ

ବଡସାହି, ୨୦।୧(ସମିସ): ମୟୂରଭଞ୍ଜ ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ପକ୍ଷରୁ ବଡସାହି ବ୍ଲକ ଅଧୀନ ଦେଉଳିଆ ପଞ୍ଚାୟତ ପୁରୁଣାପାଣି ଗ୍ରାମରେ ସାଂସ୍କୃତିକ ଗୃହ ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ବ୍ଲକ ଯୁବ ସଭାପତି ତଥା ଦେଉଳିଆ ସମିତି ସଭ୍ୟ ନିହାର ରଞ୍ଜନ ମହାପାତ୍ର ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧକ୍ଷ ଡକ୍ଟର ଦେବାଶିଷ ମାରାଣ୍ଡି, ସମ୍ମାନିତ ଅତିଥି ଭାବେ ଜିଲ୍ଲା ସମବାୟ ସମିତିର ଅଧକ୍ଷ ସୁବ୍ରମଣ୍ୟମ ମହାନ୍ତି, ପୂର୍ବତନ ବିଧାୟକ ଗଣେଶ୍ୱର ପାତ୍ର, ବ୍ଲକ ଅଧକ୍ଷା ମିନତୀ ସିଂ, ଉପାଧକ୍ଷ୍ୟ କାଞ୍ଚନ କୁମାର ପ୍ରଧାନ, ଜିଲ୍ଲା ପରିଷଦ ସଦସ୍ୟା ସୁବାସିନୀ ନାଏକ, ବ୍ଲକ ସଭାପତି ତପନ କୁମାର ପତି, ୨୩ ନମ୍ବର ଜୋନ ସଂଯୋଜକ ରାଜେନ୍ଦ୍ର କୁମାର ବେହେରା, ବରିଷ୍ଠ ନେତା ଅନନ୍ତ ପଶା ପ୍ରମୁଖ ଯୋଗଦେଇ ଗୃହକୁ ଉଦଘାଟନ କରିଥିଲେ। ଧୂମସା ମାଦଳର ତାଳେ ତାଳେ ଅତିଥିଙ୍କୁ ପାଛୋଟି ଆଣିବା ପରେ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ମାଝୀ ହାଡାମସୁନ୍ଦରମୋହନ ଟୁଡୁ ପୂଜାର୍ଚ୍ଚନା କରିବା ପରେ ଅତିଥିମାନେ ନୂତନ ଗୃହକୁ ପ୍ରବେଶ କରିଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କିପରି ମୟୂରଭଞ୍ଜ ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଗଠନ କରି ଆଦିବାସୀମାନଙ୍କ କଳା, ସଂସ୍କୃତି ଓ ପରମ୍ପରାକୁ ଉଜ୍ଜିବୀତ କରିଛନ୍ତି ସେ ନେଇ ଅତିଥିମାନେ ବକ୍ତବ୍ୟ ରଖିଥିଲେ। ଶେଷରେ ଯୁବ କାର୍ଯ୍ୟକାରୀ ସଭାପତି ଦୀପକ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅନଙ୍ଗ ଭୂଷଣ ସଦୁଆଳ, ବ୍ରହ୍ମାନନ୍ଦ ସଦୁଆଳ, ମନୋରଞ୍ଜନ ଲେଙ୍କା, ସଞ୍ଜୀବ କୁମାର ସଦୁଆଳ, ମନୋରଞ୍ଜନ ଗଜେନ୍ଦ୍ର ମହାପାତ୍ର, ମନୋରଞ୍ଜନ ସଦୁଆଳ ପ୍ରମୁଖ ଉପସ୍ଥିତ ଥିଲେ।



## 'ନୂଆ-ଓ' ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା ଉଦଘାଟିତ



ଠାକୁରମୁଣ୍ଡା/ମହୁଲଡିହା, ୨୦।୧(ସମିସ): ବିଶ୍ୱ ଓଡ଼ିଆ ସମ୍ମିଳନୀ ଏବଂ ଶ୍ରୀ ଜଗନ୍ନାଥ ସଂସ୍କୃତିର ପ୍ରଚାର ପ୍ରସାର ପାଇଁ ରାଜ୍ୟ ସରକାରଙ୍କ 'ନୂଆ-ଓ' ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା ଓ ଆଲୋଚନାଚକ୍ର ଠାକୁରମୁଣ୍ଡା ମା' ବାସୁଳୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଉଦଘାଟିତ ହୋଇଯାଇଛି। ଅଧକ୍ଷ ଉପେନ୍ଦ୍ର ପ୍ରସାଦ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ପ୍ରାଧ୍ୟାପକ ଡକ୍ଟର ନାରାୟଣ ସେନାପତି ମୁଖ୍ୟଅତିଥି ଭାବରେ ଯୋଗଦେଇ ଓଡ଼ିଆ ସାହିତ୍ୟ, କଳା, ସଂସ୍କୃତି ଓ ଇତିହାସ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ନୋଡାଲ ଅଫିସର ଅଧ୍ୟାପକ ଲଲାଟେନ୍ଦୁମହାନ୍ତ ଅତିଥି ପରିଚୟ ଦେଇଥିଲେ। ଅଧ୍ୟାପକ ବସନ୍ତକୁମାରଦାଶ ମଞ୍ଚ ପରିଚାଳନା କରିଥିଲେ। ଅଧ୍ୟାପକ ବିଜୟ ପଣ୍ଡା, ଅଧ୍ୟାପକ ବିରଞ୍ଚିନାରାୟଣ ମହାନ୍ତ, ଅଧ୍ୟାପକ ଜଳଧର ରାଉତ, ଅଧ୍ୟାପକ ମନୋଜ ନାୟକ, ଅଧ୍ୟାପକ ଦେବେନ୍ଦ୍ର ପଣ୍ଡା, ଅଧ୍ୟାପକ ରମେଶ ଦାସ, ଅଧ୍ୟାପକ ପବିତ୍ର ଦାସ, ଅଧ୍ୟାପିକା ସ୍ୱାତୀପ୍ରଜ୍ଞା ମହାନ୍ତ ପ୍ରମୁଖ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମ ଦୁଇଦିନ ଧରି ଚାଲିବ।

### ଆଗପଛ ହୋଇ ଚାଲିଗଲେ ବାପା-ମା'

# ସାହାରା ଖୋଜୁଛନ୍ତି ୬ ଅନାଥ ଭଉଣୀ

କରଞ୍ଜିଆ, ୨୦।୧(ସମିସ); ସାହାରା ଖୋଜୁଛନ୍ତି ବାପା ମା' ଛେଉଣ୍ଡ ୬ ଅନାଥ ଭଉଣୀ। ଜୀବନ କ'ଣ ବୁଝିବା ଆଗରୁ ସବୁକିଛି ଓଲଟ ପାଲଟ ହୋଇଗଲା। ପାଠ ପଢ଼ିବା ବୟସରେ ପରିବାରର ବୋଝ। ଜୀବନରେ କେତେ ବେଳେ କାହା ସହିତ କେଉଁ ସମୟରେ ଭାଗ୍ୟ ତାର ଚକା ଭଉଁରୀ ଖେଳ ଖେଳିବ ତାହା କିଏ ବା ଜାଣେ। ସେଇଥି ପାଇଁ ତ କଥାରେ ଅଛି ଦଇବ ଦଉଡି ମଣିଷ ଗାଈ ଯେଣିକି ଟାଣଇ ସେମିତି ଯାଇ। ଏଭଳି ଏକ ଘଟଣା ମୟୂରଭଞ୍ଜ ଜିଲ୍ଲା ଶୁକୃଳି ବ୍ଲକ ହଳଦିଆ ପଞ୍ଚାୟତର ଡବା ସାହିର ବେସାହାରା ଛଅ ଭଉଣୀଙ୍କ କ୍ଷେତ୍ରରେ। ପରିବାର କହିଲେ ବାପା-ମା ଆଉ ୬ ଭଉଣୀ ସାଙ୍ଗରେ ବୃଦ୍ଧା ବୁଢ଼ୀ ମା'। ବେଶ ହସ ଖୁସିରେ ଚାଲିଥିଲା ପରିବାର। ହେଲେ ସଂସାର ଭିତରକୁ ହଠାତ ମାଡି ଆସିଲା ଅନ୍ଧକାର। ଛଅ ଭଉଣୀଙ୍କ ଆଖିରେ ଭରି ଦେଲା ଲୁହ। ବର୍ଷକ ଭିତରେ ଆଗ ପଛ ହୋଇ ବାପା-ମା' ଚାଲିଗଲେ। ବର୍ଷେ ତଳେ ମା' ଚାଲି ଯାଇଥିବାବେଳେ ବାପା ବାବୁଲୁ ପରିବାର ଚଳାଇବା ନିମନ୍ତେ ଯାଜପୁର ଜିଲ୍ଲାକୁ ଦାଦନ ଖଟିବାକୁ ଯାଇ ଶବ ହୋଇ ଘରକୁ ଫେରିଲେ। ସେଠାରେ କାମ କରୁଥିବା ବେଳେ ହଠାତ ତାଙ୍କର ଦେହ ଖରାପ ହୋଇଗଲା। ପରେ ତାଙ୍କର ମୃତ୍ୟୁ ଘଟିଥିଲା। ବାପାଙ୍କ ଦେହାନ୍ତ ପରେ ମୁରବୀ ଶୂନ୍ୟ ହୋଇଗଲା ପରିବାର। ଫଳରେ ବେସାହରା ହୋଇ ଗଲେ ୬ଭଉଣୀ। ତେବେ ୬ ଭଉଣୀଙ୍କ ମଧ୍ୟରେ ରହିଛି ଜଣେ ଦେଢବର୍ଷର ଶିଶୁ। ତା ସାଙ୍ଗକୁ ବୃଦ୍ଧା ବୁଢ଼ୀମା। ବୟସ ଆସି ଅପରାହ୍ନରେ ପହଞ୍ଚିଲାଣି। ପରିବାରର ଦାୟିତ୍ୱ ଏବେ ବଡ଼ ଝିଅ ସୁନେଲି ଉପରେ। ଅନ୍ୟ ପାଞ୍ଚ ଭଉଣୀ ରାଧିକା, ଲକ୍ଷ୍ମୀ, ପୂର୍ଣ୍ଣିମା, ବେବି ଓ ସାନ। ଛଅ ଭଉଣୀଙ୍କ ମଧ୍ୟରେ ବଡ଼ ଭଉଣୀ ସୁନେଲି ହାତରେ ବର୍ତ୍ତମାନ ୫ ଭଉଣୀଙ୍କ ଦାୟିତ୍ୱ। ସୁନେଲି ନିଜେ ପାଠ ପଢ଼ିବା ସହ ଅନ୍ୟମାନଙ୍କ ଦାୟିତ୍ୱ ନେଇଛନ୍ତି। ସେ ସିଙ୍ଗଡ଼ା ଉଚ୍ଚ ବିଦ୍ୟାଳୟରେ ଦଶମ ଶ୍ରେଣୀରେ ପଢୁଥିବା ବେଳେ ସାନ ଭଉଣୀକୁ ଛାଡି ଅନ୍ୟ ଭଉଣୀମାନେ ମଧ୍ୟ ପାଠ ପଢୁଛନ୍ତି। ଏତେ କମ ବୟସରେ ପରିବାରର ବୋଝକୁ ନେଇ ସମାଜରେ ଚାଲିବା ବହୁ କଷ୍ଟକର। ବାପା-ମା' ଚାଲିଯିବା ପରେ ନିଃସହାୟ ହୋଇ ପଡ଼ିଛି ପୁରା ପରିବାର। ରୋଜଗାର ଶୂନ୍ୟ ହଇପଡ଼ିଥିବା ପରିବାରକୁ ଦରକାର ସାହାରା। ଏଣୁ ଆଗାମୀ ଦିନରେ କିପରି ସେ ଆଗକୁ ପାଞ୍ଚ ଭଉଣୀଙ୍କ ସହ ପାଠ ପଢ଼ିପାରିବେ ଏବଂ ତାଙ୍କ ଭବିଷ୍ୟତ ଉଜ୍ଜ୍ୱଳ ହୋଇପାରିବ ସେ ନେଇ ସରକାରଙ୍କୁ ଗୁହାରି କରିଛନ୍ତି। ତେବେ ଏ ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କ ପ୍ରତିକ୍ରିୟା ମିଳି ପାରିନି। ଏପରି ଅବସ୍ଥାରେ ପରିବାର ବୋଝ ଉଠାଇବା ପାଇଁ ଛୋଟ ଝିଅ ପକ୍ଷରେ ସମ୍ଭବ ହୋଇ ନ ଥିବା ବେଳେ ତାଙ୍କୁ ସରକାରୀ ସହାୟତା ଯୋଗାଇବା ପାଇଁ ସଧାରଣରେ ଦାବି ହେଉଛି।



## କେନ୍ଦେଇପଶି ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ



**ପାଟଣା,୨୦।୧(ସମିସ):** କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ କେନ୍ଦେଇପଶି ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସତ୍ୟଭାମା ମୁଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବାର୍ଷିକ ଉତ୍ସବରେ ମୁଖ୍ୟଅତିଥି ଭାବେ ପାଟଣା ବିଧାୟକ ତଥା ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ଜଗନ୍ନାଥ ନାଏକ ଯୋଗ ଦେଇଥିବା ବେଳେ ସମ୍ମାନୀତ ଅତିଥି ଭାବେ ଏବିଇଓ ବିଜୟ କୁମାର ଓଝା, କ୍ଷେତ୍ର ମୋହନ ମହାନ୍ତ, କେନ୍ଦେଇପଶି ସରପଞ୍ଚ ମିନାକ୍ଷୀ ନାଏକ, ପ୍ରତାପ ମହାନ୍ତ, କୈଳାଶ ଚନ୍ଦ୍ର ବାରିକ, ପର୍ଶୁରାମ ମହାନ୍ତ, ଶାନ୍ତନୁ ସାହୁ ପ୍ରମୁଖ ଯୋଗ ଦେଇ ଛାତ୍ରଛାତ୍ରୀ ମାନେ ଶୃଙ୍ଖଳାର ସହିତ ଉତ୍ତମ ଶିକ୍ଷା ଅର୍ଜନ କଲେ ଭବିଷ୍ୟତ ଜୀବନ ଉଜ୍ଜ୍ୱଳମୟ ହୋଇ ପାରିବ ବୋଲି ମତବ୍ୟକ୍ତ କରିଥିଲେ । ପରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା । ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ କାର୍ଯ୍ୟକ୍ରମ ପରିଚାଳନା ରେ ସକ୍ରିୟ ସହଯୋଗ କରିଥିଲେ ।

## ରାମ ମନ୍ଦିର ପ୍ରତିଷ୍ଠା ଉତ୍ସବ ପାଇଁ ସଜବାଜ



**ସୋସୋ, ୨୦।୧(ସମିସ):** ହାଟଡିହି ବ୍ଲକ ବଞ୍ଚୋ ଗ୍ରାମରେ ରାମ ମନ୍ଦିର ପ୍ରତିଷ୍ଠା ଉପଲକ୍ଷେ ଅକ୍ଷତ ଓ ନିମନ୍ତ୍ରଣ ପତ୍ର ବଣ୍ଟନ କରାଯାଇଥିଲା । ଜ୍ଞାନରଞ୍ଜନ ସାମନ୍ତ ସିଂହାର, ସୁରେନ୍ଦ୍ର ବିଶ୍ୱାଳ ସଂଯୋଜନାରେ ଆଲୋକ ସେଠୀ, ଶଶିକାନ୍ତ ରାଉତ , ଶଶାଙ୍କ ପୁହାଣ, ଦୀପ୍ତମୟୀ ଖୁଣ୍ଟିଆ ପ୍ରମୁଖ ଏଥିରେ ସାମିଲ ହୋଇଥିଲେ । ସେହିପରି ସୋସୋ ଓ ପନ୍ଦାଡୋରେ ଏ ନେଇ ପ୍ରଚାର କରାଯାଇଛି । ସୋସୋ ରାମମନ୍ଦିରରେ କଳସ ପୂଜନ, ଦୀପଦାନ, ଶୋଭାଯାତ୍ରା କାର୍ଯ୍ୟକ୍ରମ ରହିଛି । ପନ୍ଦାଡୋ ଗାଁରେ ବିଭିନ୍ନ କାର୍ଯ୍ୟକ୍ରମ କରାଯିବାକୁ ଯୋଜନା କରାଯାଇ ଗାଁ ଏବେ ସଜେଇ ହେଉଛି । ପଡିଆରିପଲ୍ଲୀର ଶନ୍ତନୁ ଜେନା ଘରକୁ ଯାଇ ଶ୍ରୀରାମ ମନ୍ଦିର ଫଟୋ ଚିତ୍ର ଓ ଏକ ସଚେତନତା ବାର୍ତ୍ତା କରାଉଛନ୍ତି । ସୁନ୍ଦରଳାପାଳ ଆଦର୍ଶ ବିଦ୍ୟାଳୟର ଛାତ୍ର କିର୍ତ୍ତିମାନ ପରିଡା ରାମସୀତାଙ୍କ ଫଟୋ ଚିତ୍ର ନିଜ ତୁଳିରେ ଅଙ୍କନ କରି ଶୁଭେଚ୍ଛା ଜଣାଇଛି ।

## ବାଳିକା ଉଚ୍ଚ ବିଦ୍ୟାଳୟର କ୍ରୀଡ଼ା ଉତ୍ସବ



**ସୋସୋ, ୨୦।୧(ସମିସ):** ହାଟଡିହି ବ୍ଲକ ବାଙ୍ଗୋର ପଞ୍ଚାୟତ ବାଙ୍ଗୋର ବାଳିକା ଉଚ୍ଚ ବିଦ୍ୟାଳୟରେ ବାର୍ଷୀକ କ୍ରୀଡ଼ା ଓ ପୁରସ୍କାର ବିତରଣୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଊର୍ମିଳା ସାହୁଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ସୋମନାଥ ଦାସ, ମୁଖ୍ୟବକ୍ତା ବିଦ୍ୟାଳୟ ପ୍ରତିଷ୍ଠାତା କୃଷ୍ଣଚନ୍ଦ୍ର ପରିଡା, ସମ୍ମାନିତ ଅତିଥି ଏସିବି ଫାଉଣ୍ଡେସନ ପ୍ରତିଷ୍ଠାତା ଅଲେଖ ଚନ୍ଦ୍ର ବେହେରା, ମହେନ୍ଦ୍ର କୁମାର ପୃଷ୍ଟି, ରାଇସିଂ ମୁଣ୍ଡା, ରଙ୍ଗାଧର ମେହୁରୀ, ପ୍ରଭାକର ଦାସ ପ୍ରମୁଖ ଉପସ୍ଥିତ ରହିଥିଲେ । ସହକାରୀ ଶିକ୍ଷୟିତ୍ରୀ ମାନସୀ ମିଶ୍ର ମଞ୍ଚ ପରିଚାଳନା ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ପ୍ରଧାନ ଶିକ୍ଷୟିତ୍ରୀ ବାର୍ଷୀକ ବିବରଣୀ ପାଠ କରିଥିଲେ । ଶିକ୍ଷୟିତ୍ରୀ କଲ୍ୟାଣୀ ମହାନ୍ତି, ବାସନ୍ତୀଲତା ତ୍ରିପାଠୀ, ଶୈଳବାଳା ରଣା, ରଣେନ୍ଦ୍ର ପୃଷ୍ଟି, ବାସନ୍ତୀ ନାୟକ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମର ପରିଚାଳନା ଓ ସହଯୋଗ କରିଥିଲେ ।

# ଅସ୍ତିତ୍ୱ ହରାଇଲା ପିଏମ୍‌ପି ଖଣି କମ୍ପାନୀ

**ଯୋଡା,୨୦।୧(ସମିସ)**

ଯୋଡ଼ା ଖଣି କ୍ଷେତ୍ରରେ ଆଙ୍ଗୁଠି ଗଣତି ଯେଉଁ କେତେଜଣ ଓଡ଼ିଆ ଖଣି ମାଲିକ ଅର୍ଦ୍ଧ ଶତାବ୍ଦୀ ଧରି ନିଜର ଆଧିପତ୍ୟ ବିସ୍ତାର କରିଥିଲେ, ସେମାନଙ୍କ ମଧ୍ୟରୁ ସ୍ୱର୍ଗତ ବଂଶୀଧର ପଟ୍ଟନାୟକଙ୍କ ପଟ୍ଟନାୟକ ମିନେରାଲ୍‌ସ୍ ପ୍ରାଇଭେଟ ଲିମିଟେଡ ଅନ୍ୟତମ । ୧୯୫୫ରୁ ସ୍ୱର୍ଗତ ବଂଶୀଧର ଖଣି ବ୍ୟବସାୟରେ ପ୍ରବେଶ କରି କେନ୍ଦୁଝର ଓ ସୁନ୍ଦରଗଡ ଜିଲାରେ ଅନେକ ଖଣିରେ ସଫଳତାର ସହିତ କାର୍ଯ୍ୟକରି ଏକ ଅଗ୍ରଣି ଖଣି କମ୍ପାନୀ ଭାବେ ପରିଚୟ ସୃଷ୍ଟି କରିପାରିଥିଲେ । ଯୋଡା ଖଣି କ୍ଷେତ୍ରର ଜୁରୁଡି ଲୌହ ମାଙ୍ଗାନିଜ ଖଣି, କଳାପର୍ବତ ଲୌହ ଖଣି ଓ ସୁନ୍ଦରଗଡରେ ଅବସ୍ଥିତ ଡୋଲୋମାଇଟ ଖଣି ତାଙ୍କର ପ୍ରମୁଖ ଖଣି ରହିଥିଲା । ତାଙ୍କର ଦେହାନ୍ତ ପରେ ଏହାକୁ ତାଙ୍କର ପୁତ୍ର ସ୍ୱର୍ଗତ ରବିନ୍ଦ୍ର ନାଥ ପଟ୍ଟନାୟକ ପରିଚାଳନା କରିଆସୁଥିଲେ । ରବିନ୍ଦ୍ରନାଥଙ୍କ ଦେହାନ୍ତ ପରେ ଉତ୍ତରାଧିକାରୀ ସତ୍ୱରେ ଖଣିଗୁଡିକୁ ଅଖିଳେନ୍ଦ୍ରନାଥ ପଟ୍ଟନାୟକ, ଜିତେନ୍ଦ୍ରନାଥ ପଟ୍ଟନାୟକ, ସରୋଜ କୁମାର ପଟ୍ଟନାୟକ ପରିଚାଳନାର ଦାୟିତ୍ୱ ଗ୍ରହଣ କରିଥିଲେ । ତେବେ ସରକାରଙ୍କର ନୂତନ ଖଣି ନିୟମ ମୁତାବକ ୨୦୨୦ ନିଲାମ ପ୍ରକ୍ରିୟାରେ ପିଏମ୍‌ପିଏଲ୍ ପୁରୁଣା ଖଣି ହରାଇ ବସିଥିଲା । ନିଲାମ ପ୍ରକ୍ରିୟାରେ ସୁନ୍ଦରଗଡ ଜିଲ୍ଲା ବରସୁଆଁଠାରେ ୩୭୦. ୭୫୧ ହେକ୍ଟର ପରିମିତ ମହୁଲସୁଖା ଲୌହ ମାଙ୍ଗାନିଜ ଖଣିଟିକୁ ଅଧିକ ପ୍ରିମିୟମରେ ହାତେଇବାରେ ସଫଳ ହୋଇଥିଲା । ଯାହାର ପରିଚାଳକ ଓ ନୋମିନେଟେଡ ଅଧିକାରୀ ସରୋଜ କୁମାର ପଟ୍ଟନାୟକ ଥିବା ବେଳେ ଜତେନ୍ଦ୍ରନାଥ ପଟ୍ଟନାୟକ, ଶୀଲ୍ଲା ପଟ୍ଟନାୟକ, ଦ୍ୱୀପାୟନ ପଟ୍ଟନାୟକ ପ୍ରମୁଖ ଅଂଶୀଦାର ରହିଥିଲେ । ତେବେ ପରିଚାଳନା ଗତ ତ୍ରୁଟି ହେଉ ଅବା ପାରିବାରିକ ସମସ୍ୟା, ଖଣିଟି ନିଲାମ ପରଠାରୁ ଠିକ୍ ଭାବେ ଚାଲି ପାରିନଥିଲା । ଶେଷରେ ଖଣିଟିକୁ ରୁଙ୍ଗଟା କମ୍ପାନୀକୁ ହସ୍ତାନ୍ତର କରି ଦିଆଯାଇଥିବା ଜଣାପଡିଛି । ଏହା ସହିତ ରାୟଗଡରେ ଥିବା ଏକ କାରଖାନାକୁ ମଧ୍ୟ ରୁଙ୍ଗଟାକୁ ବିକ୍ରିକରି ଦିଆଯାଇଛି । ବନେଇକଳାରେ ଥିବା ପିଏମ୍‌ପି କାର୍ଯ୍ୟାଳୟରେ କାର୍ଯ୍ୟରତ କର୍ମଚାରୀମାନଙ୍କୁ ମଧ ରୁଙ୍ଗଟା କମ୍ପାନୀକୁ ସ୍ଥାନାନ୍ତରିତ କରିଦିଆଯାଇଛି । ଫଳରେ ୭୦ ବର୍ଷର ଖଣି କମ୍ପାନୀ ପିଏମପିଏଲ୍‌ର ପରିସମାପ୍ତି ଘଟିଛି, ଯାହା ଚର୍ଚ୍ଚାର ବିଷୟ ପାଲଟିଛି ।

## ଅର୍ଣ୍ଣବ ରାୟ ସ୍ମାରକୀ ଆନ୍ତଃ ଜିଲ୍ଲା ବ୍ୟାଡ୍‌ମିଣ୍ଟନ ଚାମ୍ପିଅନସିପ୍

**ଯୋଡ଼ା,୨୦।୧(ସମିସ):** ଯୋଡ଼ାରେ ୮ମ ଅର୍ଣ୍ଣବ ରାୟ ମେମୋରିଆଲ ଆନ୍ତଃ ଜିଲ୍ଲା ବ୍ୟାଡମିଣ୍ଟନ ଚାମ୍ପିୟନସିପ୍ ଅନୁଷ୍ଠିତ ହୋଇଯାଇଛ । ସ୍ୱର୍ଣ୍ଣ ଉପତ୍ୟକା କ୍ଲବ ପକ୍ଷରୁ ଆୟୋଜିତ ଏହି ଚାମ୍ପିଅନସିପ୍ ଖେଳଟି ଯୋଡ଼ା ଇଷ୍ଟ ବ୍ୟାଡମିଣ୍ଟନ ଖେଳ ପଡିଆଠାରେ ଅନୁଷ୍ଠିତ ହୋଇଥିଲା । ସ୍ୱର୍ଣ୍ଣ ଉପତ୍ୟକା କ୍ଲବ ପକ୍ଷରୁ ଆୟୋଜିତ ଏହି ଚାମ୍ପିଅନସିପ୍‌ରେ ଯୋଡ଼ା, କେନ୍ଦୁଝର, ଚମ୍ପୁଆ, ବଡ଼ବିଲ, ବଲାଣୀ, ବଡ଼ ଜାମଦା, ଗୋଆ, କିରିବୁରୁ, କୋଇଡ଼ା, ଟେନସା ପ୍ରଭୃତି ଆଖପାଖ ଅଞ୍ଚଳର ୪୦ଟି ଦଳ ଏଥିରେ ଅଂଶଗ୍ରହଣ କରିଥିଲେ । ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଡା ଟାଟା ଷ୍ଟିଲ ମୁଖ୍ୟରାଜେଶ୍ କୁମାର ଯୋଗ ଦେଇଥିବା ବେଳେ ଉଦ୍‌ଯାପନୀ ଦିବସରେ ମୁଖ୍ୟଅତିଥି ଭାବେ ଟାଟା ଷ୍ଟିଲ ଖଣ୍ଡବନ୍ଧ ଲୌହ ଖଣି ଶ୍ରମିକ ସଙ୍ଘର ସଭାପତି ଏ୍‌ବି ଷେଣ୍ଟ ଯୋଗଦେଇଥିଲେ । ସମ୍ମାନୀତ ଅତିଥି ଭାବେ ଟାଟା ଷ୍ଟିଲ ଲୌହ ଖଣି ର ଶ୍ରମିକ ସଂଘ ସଭାପତି ସଞ୍ଜୀବ ଲାକ୍ରା, ଟାଟା ଷ୍ଟିଲ ଖଣ୍ଡ ବନ୍ଧ ଲୌହ ଖଣିର ସମ୍ପାଦକ ପିଭି ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ । ଏହି ଚାମ୍ପିଅନସିପରେ ଯୋଡାର ରାଜ ଏବଂ ରିଶି ଦଳ ବିଜୟୀ ହୋଇଥିବା ବେଳେ ପ୍ରଥମ ରନର୍ସ ଅପ୍ ଦଳ ଭାବେ କେନ୍ଦୁଝରର ରାନେଶ ଏବଂ ଡାବୁ ଓ ଦ୍ୱିତୀୟ ରନର୍ସ ଅପ୍ ଦଳ ଭାବେ କେନ୍ଦୁଝରର ସିତୁନ ଏବଂ ମୁନା ଦଳକୁ ପୁରସ୍କୃତ କରାଯାଇଥିଲା । ପୂର୍ବ ଯୋଡ଼ା ବ୍ୟାଡମିଣ୍ଟନ ପଡିଆରେ ଆୟୋଜିତ ଏହି ଖେଳକୁ ସ୍ୱର୍ଣ୍ଣ ଉପତ୍ୟକା କ୍ଲବର ସଦସ୍ୟ କ୍ଷୀରୋଦ ମହାନ୍ତି, ବାବୁ ଦାସଙ୍କ ସମେତ ଅନ୍ୟ ସଦସ୍ୟମାନେ ପରିଚାଳନା କରିଥିଲେ ।



## ୨୨ରେ ମଦ ମାଂସ ବନ୍ଦ ପାଇଁ ଦାବି

**ତେଲକୋଇ,୨୦।୧(ସମିସ):** ଅଯୋଧ୍ୟାରେ ଶ୍ରୀରାମଙ୍କ ପ୍ରାଣ ପ୍ରତିଷ୍ଠା ଅବସରରେ ସାରା ଦେଶ ତଥା ତେଲକୋଇର ସମସ୍ତ ମନ୍ଦିର ଏବଂ ଘର ମାନଙ୍କରେ ଦୀପାବଳୀ ଭଳି ପରିବେଶ କରାଯିବାର ଯୋଜନା ରହିଛି । ଏହି ଅବସରରେ ତେଲକୋଇ ର ସମସ୍ତ ମାଂସ ଓ ମଦ ଦୋକାନ ବନ୍ଦ କରାଯାବାକୁ ଦାବି କରିଛି ତେଲକୋଇ ଶ୍ରୀରାମ ସେନା । ତେଲକୋଇ ତହସିଲଦାରଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ତହସିଲଦାରଙ୍କୁ ଶ୍ରୀରାମ ସେନା ପକ୍ଷରୁ ଦରଖାସ୍ତ ଦେଇ ୨୨ ତାରିଖରେ ମଦ ଓ ମାଂସ ଦୋକାନ ବନ୍ଦ କରିବାକୁ ଦାବି କରାଯାଇଛି । ଶ୍ରୀରାମ ସେନାର କ୍ରିଷ୍ଣାପ୍ରସାଦ ସାହୁ, ଦୁର୍ଯ୍ୟୋଧନ ମହାନ୍ତ, ବିକାଶ କୁମାର ପ୍ରଧାନ, ଶ୍ରବଣ କୁମାର ମହାନ୍ତ, ଖଗେଶ୍ୱର ପ୍ରଧାନ, ସତ୍ୟପ୍ରିୟ ବିଶୋଇ ଓ ଲମ୍ବୋଦର ମହାନ୍ତ ପ୍ରମୁଖ ଶନିବାର ତେଲକୋଇ ତହସିଲ କାର୍ଯ୍ୟାଳୟରେ ପହଞ୍ଚି ଦାବିପତ୍ର ଦେଇଥିଲେ ।

## ହାଇସ୍କୁଲରେ ସାହିତ୍ୟ ସୃଜନୀ ଉତ୍ସବ

**ଘସିପୁରା,୨୦।୧ (ସମିସ):** ଘସିପୁରା ବ୍ଲକ ଅନ୍ତର୍ଗତ ପୁରୁଣାବାନ୍ଧଗୋଡା ବଳରାମଧୀର ସରକାରୀ ହାଇସ୍କୁଲରେ "ଭାଷା ସାହିତ୍ୟ ସୃଜନୀ ଉତ୍ସବ' ଅନୁଷ୍ଠିତ ହୋଇଯାଇଛି । ପ୍ରଧାନ ଶିକ୍ଷୟତ୍ରୀ ଜ୍ୟୋସ୍ନାମୟୀ ବରାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ଅତିଥି ଭାବେ ଶିକ୍ଷା କମିଟି ସଭାପତି ଦେବବ୍ରତ ପଟ୍ଟନାୟକ, ସମ୍ମାନୀତ ଅତିଥି ଭାବେ ମୋ ସ୍କୁଲ ଅଭିଯାନର ଅଧ୍ୟକ୍ଷ ସୌମେନ୍ଦ୍ରକୁମାର ଧୀର, କମିଟି ସଦସ୍ୟ ସର୍ବେଶ୍ୱର ମଲ୍ଲିକ, ଅମୂଲ୍ୟ ମାଝୀ, ନିଶିକାନ୍ତ ପଟ୍ଟନାୟକ, ଗାର୍ଦି ମୁଣ୍ଡା, ହରପ୍ରିୟା ଦଳେଇ, ବିଷ୍ଣୁପ୍ରିୟା ଦଳେଇ, ପ୍ରଭାସ ଦାସ, ଟୁଟୁ ବାରିକ ପ୍ରମୁଖ ଯୋଗଦେଇଥିଲେ । ଶିକ୍ଷକ ସୁରେଶ କୁମାର ଭୂୟାଁ, ଶାନ୍ତନୁ ସାହୁ, ନାରାୟଣ ଦାସ, ବଳଭଦ୍ର ବେହେରା, ବାସନ୍ତୀ ରଣା, ଲକ୍ଷ୍ମୀପ୍ରିୟା ସାହୁ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ । ସେହିପରୀ ଅଲତି ଡିଏନ ହାଇସ୍କୁଲର ବିବେକାନନ୍ଦ ମଣ୍ଡପ ଠାରେ ଭାଷା ସାହିତ୍ୟ ସୃଜନଶୀଳତା ମହୋତ୍ସବ ଅନୁଷ୍ଠିତ ହୋଇଛି । ପ୍ରଧାନ ଶିକ୍ଷକ ସୁରେନ୍ଦ୍ରନାଥ ଜେନାଙ୍କ ସଂଯୋଜନାରେ ମୁଖ୍ୟ ଅତିଥି ଭାବେ ବସନ୍ତମଞ୍ଜରୀ ଫାଉଣ୍ଡେସନର ଅଧ୍ୟକ୍ଷ ଡ. ରତିକାନ୍ତ ବରାଳ, ପୁରାତନ ଛାତ୍ର ତଥା ଶିକ୍ଷାକମିଟି ସମ୍ପାଦକ ସୁଶାନ୍ତ କୁମାର ରାଉତ ଯୋଗଦେଇଥିଲେ ।

## ଆନନ୍ଦପୁର ପୌରପାଳିକାର ପାରିଷଦ ବୈଠକ

**ଆନନ୍ଦପୁର,୨୦।୧(ସମିସ):** ଆନନ୍ଦପୁର ପୌରପାଳିକାର କାଉନସିଲ ବୈଠକ ଆଜି ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ଶୃଙ୍ଖଳାର ସହିତ ଶେଷ ହୋଇଛି । ପୌର ଅଧ୍ୟକ୍ଷା ରଜନୀରାଣୀ ଖଟୁଆଙ୍କ ଅଧ୍ୟକ୍ଷତାରେ ନିର୍ବାହୀ ଅଧିକାରୀ ଦେବବ୍ରତ ବଳ ବୈଠକକୁ ସମସ୍ତ ପାରିଷଦଙ୍କୁ ସ୍ୱାଗତ କରିବା ସହିତ ପୂର୍ବ ବୈଠକର ବିବରଣୀ ପାଠ କରିଥିଲେ । ଆଜିର ବୈଠକରେ ବିଧାୟକ ପ୍ରତିନିଧି ରାକେଶ କୁମାର ରାମ ଯୋଗ ଦେଇ ରାଜ୍ୟ ସରକାରଙ୍କ ସହରାଞ୍ଚଳ ବିକାଶ ଯୋଜନାରେ ଆସୁଥିବା ଅନୁଦାନର ସଦୁପୋଯୋଗ କରିବା ସହିତ ବିଭିନ୍ନ ୱାର୍ଡରେ ଆବଶ୍ୟକ କାର୍ଯ୍ୟକୁ ପ୍ରାଥମିକତା ଦେବାକୁ ପରାମର୍ଶ ଦେଇଥିଲେ । ଏହି ବୈଠକରେ ଜାଗା ମିଶନ ଓ ପାନୀୟ ଜଳ ସମସ୍ୟାର ସମାଧାନ କରାଯିବା ସହିତ ବିଭିନ୍ନ ୱାର୍ଡରେ ଥିବା ବିଦ୍ୟୁତ ସମସ୍ୟାର ଯଥାଶୀଘ୍ର ସମାଧାନ ପାଇଁ ପାରିଷଦ ମାନେ ଉପସ୍ଥାପନ କରିବାରୁ ଯଥାଶୀଘ୍ର ବିଭାଗୀୟ ଅଧିକାରୀମାନଙ୍କ ସହିତ ଆଲୋଚନା କରାଯାଇ ସମସ୍ୟା ଦୂର କରାଯିବ ବୋଲି ନିଷ୍ପତି ହୋଇଥିଲା । ବୈଠକରେ ପୌରପାଳିକାର ସମସ୍ତ ଯନ୍ତ୍ରୀ ପରିମଳ ବିଭାଗ ଅଧିକାରୀଙ୍କ ସମେତ ବିଭିନ୍ନ କାର୍ଯ୍ୟାଳୟର ସହାୟକମାନେ ଉପସ୍ଥିତ ରହି ବୈଠକରେ ବିବରଣୀ ଉପସ୍ଥାପନ କରିଥିଲେ । ଉପାଧ୍ୟକ୍ଷ ଦୁର୍ଗାଚରଣ ଦଳେଇଙ୍କ ସମେତ ସମସ୍ତ ପାରିଷଦ ବୈଠକରେ ଯୋଗ ଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।



## ଜଗନ୍ନାଥ ବିଦ୍ୟାମନ୍ଦିର ବାର୍ଷିକ ଉତ୍ସବ

**ଆନନ୍ଦପୁର,୨୦।୧(ସମିସ):** ଘଷିପୁରା ବ୍ଲକ ଅନ୍ତର୍ଗତ ବାତୋ ପଞ୍ଚାୟତ ଅଶୋକନଗର ସ୍ଥିତ ଜଗନ୍ନାଥ ବିଦ୍ୟାମନ୍ଦିରରେ ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ପାଳନ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଶୈଳଜା ଜେନାଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଘସିପୁରା ବ୍ଲକ ପୂର୍ବତନ ଅଧ୍ୟକ୍ଷ ଦେବାଶିଷ ପାତ୍ର, ମୁଖ୍ୟବକ୍ତା ଭାବେ ଆନନ୍ଦପୁର ପୂର୍ବତନ ବିଇଓ ଶରତ ରାଉତ, ସମ୍ମାନିତ ଅତିଥି ଭାବେ ବାତୋ ପଞ୍ଚାୟତ ପୂର୍ବତନ ସରପଞ୍ଚ ସୁରେନ୍ଦ୍ର ଜେନା, ଅବସରପ୍ରାପ୍ତ ଶିକ୍ଷକ ଯଦୁନାଥ ମଲ୍ଲିକ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଚିତ୍ତରଞ୍ଜନ ନାୟକ, ରାମଚନ୍ଦ୍ର ରାଉତ, ସମିତି ସଭ୍ୟ ତରଣୀସେନ ବରାଳ, ଅବସରପ୍ରାପ୍ତ କ୍ରିଡ଼ା ଶିକ୍ଷକ ରଞ୍ଜନ ବେହେରା, ଅବସରପ୍ରାପ୍ତ ଶିକ୍ଷକ ନିରଞ୍ଜନ ପଣ୍ଡା, ନରହରି ରାଉତ, ଶତ୍ରୁଘ୍ନ ରଣା, ଚିନ୍ତା ମଣି ନାଏକ, ଜଳ ଧର ବାରିକ୍, ଯୋଗଦାନ କରିଥିଲେ । ମଞ୍ଚ ପରିଚାଳନା ଶିକ୍ଷକ ସରୋଜ ନାୟକ ଓ ଧନ୍ୟବାଦ ଅର୍ପଣ ସୁକାନ୍ତି ଲତା ସାହୁ ପ୍ରଦାନ କରିଥିଲେ । ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ଅତିଥି ମାନେ ସମ୍ବର୍ଦ୍ଧିତ କରିଥିଲେ । ବିଦ୍ୟାଳୟ ଶିକ୍ଷକ ନିବେଦିତା ସାହୁ, କବିତା ମଞ୍ଜରୀ ମଲ୍ଲିକ, କଳାକର ପାଗଳ ଓ କର୍ମଚାରୀ ଲକ୍ଷ୍ମୀ ଧର ରାଉତ, ସନାତନ ସାହୁ, ଗଙ୍ଗାଧର ବରାଳ, ପ୍ରଭାକର ପାଣି, ରମେଶ ଚନ୍ଦ୍ର ମଲ୍ଲିକ, ସୌଦାମିନୀ ପହି, ପରିଚାଳନା ରେ ସହଯୋଗ କରିଥିଲେ ।



# ଭାଷା ସାହିତ୍ୟ ଓ ସୃଜନ ଶୀଳତା ଉତ୍ସବ







**ଆନନ୍ଦପୁର, ୨୦।୧ (ସମସ):** ଆନନ୍ଦପୁର ବ୍ଲକ ଅନ୍ତର୍ଗତ ଜଳସୁଆଁ ପଞ୍ଚାୟତର ନୟାଗଡସ୍ଥିତ ଜଗନ୍ନାଥ ଡିଗ୍ରୀ ମହାବିଦ୍ୟାଳୟରେ ନୂଆ-ଓ କାର୍ଯ୍ୟକ୍ରମରେ ଆଜି ଏକ ଓଡ଼ିଆ ଭାଷା ସାହିତ୍ୟ ପ୍ରତିଯୋଗିତା ଓ ସାହିତ୍ୟସଭା ଅନୁଷ୍ଠିତ ହୋଇଯାଇଛି । ପ୍ରାରମ୍ଭରେ ଛାତ୍ରୀ ମମତା ସାହୁ, ଡୋନା ସାହୁ, ମିତାରାଣୀ ସାହୁ ସ୍ୱାଗତ ସଂଗୀତ ପରିବେଷଣ କରିବା ପରେ ବନ୍ଦେ ଉତ୍କଳ ଜନନୀ ପରିବେଷଣ କରାଯାଇଥିଲା । ଅଧ୍ୟାପକ ଜୟନ୍ତ କୁମାର ମହାନ୍ତିଙ୍କ ସଂଚାଳନାରେ ଉପସ୍ଥିତ ସମସ୍ତ ଛାତ୍ରଛାତ୍ରୀ ଓଡିଆ ଭାଷା ସାହିତ୍ୟ ଉପରେ ଆଲୋଚନା କରିଥିଲେ । ମହାବିଦ୍ୟାଳୟର ଅଧ୍ୟକ୍ଷ ବୃନ୍ଦାବନ ମଲଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବେ ସାହିତ୍ୟିକ ଡ. ରାମଚନ୍ଦ୍ର ନାୟକ, ମୁଖ୍ୟବକ୍ତା ଭାବେ କବି ପ୍ରଫୁଲ କୁମାର ଚକ୍ର, ସମ୍ମାନୀତ ଅତିଥି ଭାବେ ଶିକ୍ଷାବିତ୍ ଯଦୁନାଥ ମଲିକ ଓ ନରହରି ରାଉତ ଯୋଗ ଦେଇ ଛାତ୍ରଛାତ୍ରୀଙ୍କୁ ଶିକ୍ଷାନୁଷ୍ଠାନ ସ୍ତରରୁ ସାହିତ୍ୟ ଓ ଭାଷା ପ୍ରତି ଅନୁରାଗ ବଢାଇବାକୁ ମାର୍ଗଦର୍ଶନ ଦେଇଥିଲେ । ପରେ ଖେଳ ଶିକ୍ଷକ କୈଳାସ ଚନ୍ଦ୍ର ନାୟକଙ୍କ ତତ୍ତ୍ୱାବଧାନରେ କୃତୀ ଛାତ୍ରଛାତ୍ରୀଙ୍କୁ ମାନପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥିଲା । ଶେଷରେ ଅଧ୍ୟାପକ ସୌରୀ ପ୍ରସାଦ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମକୁ ଅଧ୍ୟାପକ ଚିତ୍ତରଞ୍ଜନ ନାୟକ, ସରୋଜକାନ୍ତ ରାଉତ, ବିନୟ କୁମାର ସ୍ୱାଇଁ, ଅଧ୍ୟାପିକା ତପସ୍ୱିନୀ ପାତ୍ର, ଯୁରି ଚକ୍ର, ଦେବସ୍ମିତା ଜେନା, ସନ୍ଧ୍ୟାରାଣୀ ରାଉତ, ଅଧ୍ୟାପକ ଶଷୀଭୂଷଣ ପତି ପରିଚାଳନା କରିଥିବା ବେଳେ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ରଶ୍ମିତା ସାହୁ, ମନୋରଞ୍ଜନ ରାଉତ, ଗୋପୀନାଥ ଜେନା, ଜିତେଶ କୁମାର ବରାଳ, ଦେବାଶିଷ ମହାନ୍ତି, ଦୀପକ କୁମାର ବିଶ୍ୱାଳ କର୍ମଚାରୀ ସନାତନ ସାହୁ, ମହେଶ୍ୱର ରାଉତ, ଲକ୍ଷ୍ମୀକାନ୍ତ ରାଉତ ସହଯୋଗ କରିଥିଲେ ।

**ଘସିପୁରା:** ଘସିପୁରା ବ୍ଲକ ବାତୋ ପରମାନନ୍ଦପୁର ସ୍ଥିତ ଜଗନ୍ନାଥ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ନୂଆ-ଓ ଯୋଜନା ରେ ବିଶ୍ୱ ଓଡିଆ ଭାଷା ସମ୍ମିଳନୀ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ଅଧ୍ୟକ୍ଷା ଡ. ପ୍ରେମଲତା ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆଲୋଚନାଚକ୍ରରେ ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ସହକାରୀ ଓଡିଆ ଭାଷା ବିଭାଗର ପ୍ରଫେସର ଡ. ଶିଶିର ବେହେରା, ନୋଡାଲ ଅଫିସର ଭାବେ ଅଧ୍ୟାପକ ପ୍ରଫୁଲ୍ଲଚନ୍ଦ୍ର ସାହୁ, ନୂତନ ଭାବେ ନିଯୁକ୍ତି ପାଇଥିବା ଓଡିଆ ଅଧ୍ୟାପିକା ସ୍ନେହଲତା ଘଡେଇ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଓଡିଆ ଭାଷା ସାହିତ୍ୟର ସର୍ବାଙ୍ଗିନ ଉନ୍ନତି ସହ ମାତୃଭାଷାର ସମ୍ମାନକ୍ଷୁଣ୍ଣ ନହେବାକୁ ମାତୃଭୂମିର ଟେକ ରଖିବାକୁ ଆହ୍ୱାନ ଦେଇଥିଲେ । ଅଧ୍ୟାପିକା ମନ୍ଦାକିନୀ ପଣ୍ଡା, ନିହାରରଞ୍ଜନ ଭୂୟାଁ, ପ୍ରଭାସ ରଞ୍ଜନ ରାଉତ, ନିବେଦିତା ପଣ୍ଡା, ଯଶୋଦା ଟପ୍ପୋ, ସାଇସୋନାଲି ଦାସ, ଦୁଷ୍ମନ୍ତ ବାରିକ, ହିମାଂଶୁ ଚରଣ ଓଝା, ପ୍ରମୋଦ କୁମାର ରାଉତ, ରତନ କୁମାର ମହାନ୍ତି, ରମାକାନ୍ତ ମହାନ୍ତି, ପ୍ରଦିପ ସ୍ୱାଇଁ, ସୁକଲ୍ୟାଣ ବେହେରା, ଅଶୋକକୁମାର ବରାଳ, ଯୁଧିଷ୍ଠିର ରାଉତ, ବିଛନ୍ଦ ଚରଣ ନାୟକ, ନିର୍ମଳଚନ୍ଦ୍ର ଦାସ, ଆନନ୍ଦଚନ୍ଦ୍ର କର, ରତ୍ନାକର ଦଳେଇ, ଝରଣା ସାହୁ, ଗୋଲାପ ରାଉତ, ଜଳଧର ପରିଡା ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ ।

**ତୁରୁମୁଙ୍ଗା/ପାଟଣା:** ପାଟଣା ବ୍ଲକ ମୁରୁସୁଆଁ ନୋଡାଲ ଉଚ୍ଚ ବିଦ୍ୟାଳୟରେ ଭାଷା ସାହିତ୍ୟ ଓ ସୃଜନଶୀଳତା ଉତ୍ସବ ପ୍ରଧାନଶିକ୍ଷକ ପର୍ଶୁରାମ ମହାନ୍ତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ପୂର୍ବତନ ଏବିଇଓ ଜ୍ଞାନେନ୍ଦ୍ର କୁମାର ସାହୁ, ମୁଖ୍ୟବକ୍ତା ଭାବରେ ମୁରୁସୁଆଁ ପଞ୍ଚାୟତର ସମିତିସଭ୍ୟ ସୁଶୀଲ କୁମାର ସାହୁ, ସମ୍ମାନିତ ଅତିଥି ଭାବରେ ମୁରୁସୁଆଁ ସିଆର୍‌ସିସି ଜ୍ୟୋତିରଞ୍ଜନ ସେଠୀ ପ୍ରମୁଖ ଯୋଗଦେଇଥିଲେ । ଏହି ଅବସରରେ ପୁସ୍ତକ ପ୍ରଦର୍ଶନୀ ଅନୁଷ୍ଠିତ ହେବା ସହ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା । ଶିକ୍ଷକ କୃଷ୍ଣଚନ୍ଦ୍ର ସାହୁ ଧନ୍ୟବାଦ ପ୍ରଦାନ କରିଥିବା ବେଳେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

**ତୁରୁମୁଙ୍ଗା:** ସାହାରପଡା ବ୍ଲକ ଉଦୟପୁର ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ 'ବିଶ୍ୱଓଡ଼ିଆ ଭାଷା ସମ୍ମିଳନୀ' ଆୟୋଜନ ଓ ଜଗନ୍ନାଥ ସଂସ୍କୃତିର ପ୍ରଚାର ଓ ପ୍ରସାର ପରିପ୍ରେକ୍ଷୀରେ "ନୂଆ-ଓ' ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା କାର୍ଯ୍ୟକ୍ରମ ବିଦ୍ୟାଳୟର ଅଧ୍ୟକ୍ଷ ଡ. ବିଜୟ କୁମାର ପରିଡ଼ାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ନୋଡାଲ ଅଫିସର ଓଡ଼ିଆ ଅଧ୍ୟାପିକା ପୂଜାରାଣୀ ଭୂଇ ଅତିଥିମାନଙ୍କ ପରିଚୟ ପ୍ରଦାନ ପୂର୍ବକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଗ୍ରନ୍ଥାଗାରିକ ପ୍ରଦୀପ କୁମାର ପହିଙ୍କ ସଂଯୋଜନାରେ ସଭାକାର୍ଯ୍ୟ ପରିଚାଳିତ ହୋଇଥିବା ବେଳେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ସାହିତ୍ୟିକ, ସମାଜସେବୀ ଭୋଳାନାଥ ବଘେଲ ବାବୁ, ମୁଖ୍ୟବକ୍ତା ଭାବେ ଅଧ୍ୟାପକ ମହେନ୍ଦ୍ର ନାଥ ଟୁଡ୍ଡୁ, ସମ୍ମାନିତ ଅତିଥି ଭାବେ ସମାଜସେବୀ ସତ୍ୟାନନ୍ଦ ସାହୁ ପ୍ରମୁଖ ଯୋଗଦେଇଥିଲେ । ଅଧ୍ୟାପିକା ସରସ୍ୱତୀ ମୋଦୀ, ଅଧ୍ୟାପିକା ପ୍ରିୟଙ୍କା ଲେଙ୍କା, ଅଧ୍ୟାପକ ରମାକାନ୍ତ ନାଗ, ମହେନ୍ଦ୍ର ନାଥ ମହାନ୍ତ, ସୁଶୀଳା ମହାନ୍ତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

**ସୋସୋ:** ହାଟଡିହି ବ୍ଲକ ଟିଏମ୍ ଏକାଡେମୀ ଉଅଁର ହାଇସ୍କୁଲର ଭାଷା ସାହିତ୍ୟ ଓ ସୃଜନଶୀଳତାର ଉତ୍ସବ କାର୍ଯ୍ୟକ୍ରମ ହୋଇଯାଇଛି । କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିନୋଦ ବାହାରୀ ପଣ୍ଡା ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ମଦନ ମୋହନ ନାୟକ, ମୁଖ୍ୟ ବକ୍ତା ଓଡିଶା ମାଧ୍ୟମିକ ସଂଘର ରାଜ୍ୟ ସହ ସମ୍ପାଦକ ମୃତ୍ୟୁଞ୍ଜୟ ପଲେଇ, ଖେଳ ଶିକ୍ଷକ ବଟକୃଷ୍ଣ ଜେନା, ଶିକ୍ଷକ ପ୍ରବୀର କୁମାର ନାୟକ, ମହେଶ୍ୱର ଜେନା, ୱାର୍ଡ ସଭ୍ୟା ମିନାକ୍ଷୀ ଜେନା ପ୍ରମୁଖ ଯୋଗଦେଇଥିଲେ ।

**ସୋସୋ:** ହାଟଡିହି ବ୍ଲକ ବାଙ୍ଗୋର ବାଳିକା ଉଚ୍ଚ ବିଦ୍ୟାଳୟରେ ଭାଷା ସାହିତ୍ୟ ଓ ସୃଜନଶୀଳତା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଊର୍ମିଳା ସାହୁଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଜିଲ୍ଲା ପରିଷଦ ଉପାଧ୍ୟକ ସୋମନାଥ ଦାସ, ମୁଖ୍ୟବକ୍ତା କୃଷ୍ଣଚନ୍ଦ୍ର ପରିଡା, ସମ୍ମାନିତ ଅତିଥି ଏସିବି ଫାଉଣ୍ଡେସନ ପ୍ରତିଷ୍ଠାତା ଅଲେକ ଚନ୍ଦ୍ର ବେହେରା, ମହେନ୍ଦ୍ର କୁମାର ପୃଷ୍ଟି, ରାଇସିଂ ମୁଣ୍ଡା, ରଙ୍ଗାଧର ମେହୁରୀ, ପ୍ରଭାକର ଦାସ ପ୍ରମୁଖ ଉପସ୍ଥିତ ରହିଥିଲେ । ସହକାରୀ ଶିକ୍ଷୟିତ୍ରୀ ମାନସୀ ମିଶ୍ର ମଞ୍ଚ ପରିଚାଳନା କରିଥିଲେ । ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ପ୍ରଥମ ଥର ଭାଷା ସାହିତ୍ୟ ଓ ସୃଜନଶୀଳତାର କାର୍ଯ୍ୟକ୍ରମ ଉଦ୍‌ଘାଟିତ କରାଯାଇଥିଲା । ଏହି ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀଙ୍କୁ ଏସିବି ଫାଉଣ୍ଡେସନର ପ୍ରତିଷ୍ଠାତା ଅଲେଖ ଚନ୍ଦ୍ର ବେହେରା ଟ୍ରଫି, ଖାତା ଓ କଲମ ପ୍ରଦାନ କରିଥିଲେ । ଶିକ୍ଷୟିତ୍ରୀ କଲ୍ୟାଣୀ ମହାନ୍ତି, ବାସନ୍ତିଲତା ତ୍ରିପାଠୀ, ଶୈଳବାଳା ରଣା, ରଣେନ୍ଦ୍ର ପୃଷ୍ଟି, ବାସନ୍ତୀ ନାୟକ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମର ପରିଚାଳନା ଓ ସହଯୋଗ କରିଥିଲେ ।

**ସୋସୋ:** ହାଟଡିହି ବ୍ଲକ ସଡ଼ଙ୍ଗ ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବିଶ୍ୱ ଓଡିଆ ଭାଷା ସମ୍ମିଳନୀ ବିଦ୍ୟାଳୟର ଅଧ୍ୟକ୍ଷ ସୁବ୍ରତ କୁମାର ନାୟକଙ୍କ ଦ୍ୱାରା ଉଦ୍ଘାଟନ କରାଯାଇଥିଲା । 'ନୂଆ ଓ' ଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କଲେଜର ଅଧ୍ୟାପିକା ପୁଷ୍ପିତା ପହି ଙ୍କ ସଂଯୋଜନାରେ ଅଧ୍ୟାପିକା ସ୍ୱାଗତିକା ମହାନ୍ତି, ଅଧ୍ୟାପକ ଅନାଥ ଚରଣ ସେଠୀ, ଦୁର୍ଯ୍ୟୋଧନ ସାହୁ, ଅତୁଲ କୁମାର ଜେନା, ଆଲୋକ କୁମାର ଭୋଇ ପ୍ରମୁଖ ଯୋଗ ଦେଇଥିଲେ । ବିଷ୍ଣୁ ଚରଣ ମହାରଣା, ତ୍ରିଲୋଚନ ରାଉଳ, ରାଧାଶ୍ୟାମ ସା ଓ ରବିନାରାୟଣ ବଳ ସହଯୋଗ କରିଥିଲେ ।





